Bhubaneswar, Wednesday, August 26, 2026
ଭୁବନେଶ୍ୱର,ବୁଧବାର,ଅଗଷ୍ଟ ୨୬, ୨୦୨୬
Vol-01, Issue-117
ବର୍ଷ-୦୧, ସଂଖ୍ୟା -୧୧୭
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
# THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
‹ଯୋଗାଯୋଗ›
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

### ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ୬୫ତମ ପ୍ରତିଷ୍ଠା ଦିବସ

## ଚାଷୀଙ୍କ ସ୍ୱପ୍ନ ପୂରଣ ସରକାରଙ୍କ ଲକ୍ଷ୍ୟ : ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫/୮: ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ୬୫ତମ ପ୍ରତିଷ୍ଠା ଦିବସ ବିଶ୍ୱବିଦ୍ୟାଳୟ ପରିସରସ୍ଥିତ କୃଷି ଶିକ୍ଷା ସଦନଠାରେ ଆଜି ଅନୁଷ୍ଠିତ ହୋଇଛି। ଉଦଘାଟନୀ ଅବସରରେ ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା ଓୟୁଏଟିର ଉପ-କୁଳାଧିପତି ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ନିଜ ଉଦବୋଧନରେ କହିଛନ୍ତି, ଚାଷୀଙ୍କ ସ୍ୱପ୍ନ ପୁରା କରିବା ପାଇଁ ସରକାର ସଂକଳ୍ପବଦ୍ଧ ଓ ବର୍ତ୍ତମାନ ସମୟରେ ଚାଷୀଙ୍କ ଅଭାବ ପୂରଣ ପାଇଁ ପ୍ରତିଟି ଦିଗରେ ନାନାଦି ଯୋଜନା ଚାଷୀଙ୍କ ସ୍ୱପ୍ନ ପୂରଣ ପାଇଁ ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ଓ ଚାଷୀଙ୍କ ପାଇଁ ଆବଶ୍ୟକତା ଅନୁଯାୟୀ ସାର ମହଜୁଦ ଥିବାରୁ କୌଣସି ଚାଷୀ ବ୍ୟତିବ୍ୟସ୍ତ ନ ହେବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପରାମର୍ଶ ଦେଇଛନ୍ତି ।

ସମୃଦ୍ଧ, ସଶକ୍ତ ଓ ଶ୍ରେଷ୍ଠ ଓଡିଶା ଗଠନ ଦିଗରେ ଚାଷ ଓ ଚାଷୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଓ ଯୁବଶକ୍ତିକୁ ଆଗେଇ ନେଇ କୃଷି କ୍ଷେତ୍ରରେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ସମସ୍ତେ ଚେଷ୍ଟା କରିବାକୁ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଏବଂ ଏମ୍ଏସ୍ଏମ୍ଇ ବିଭାଗ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ନିଜ ଅଭିଭାଷଣରେ କହିଛନ୍ତି। ଚାଷୀ ହେଉଛନ୍ତି ବିକଶିତ ଓଡିଶା ଲକ୍ଷ୍ୟ ପୂରଣ ଦିଗରେ ଭାଗ୍ୟ ବିଧାତା ଓ ଏଣୁ ଏ ଦିଗରେ ଓୟୁଏଟି ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଆଗାମୀ ଦିନରେ ଚାଷୀଙ୍କୁ ସହଯୋଗ ହେବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ।



ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଜାଧବ ବିଶ୍ୱବିଦ୍ୟାଳୟରେ ନବସୃଜନକୁ ଗୁରୁତ୍ୱ ଦେବା ଉପରେ ମତ ରଖିଛନ୍ତି ଓ ବୈଜ୍ଞାନିକ ଦୃଷ୍ଟିକୋଣ ଓ ଜଳବାୟୁ ସହନଶୀଳ ଚାଷ କାର୍ଯ୍ୟକୁ ହାତକୁ ନେବାକୁ ଅନୁରୋଧ କରିଛନ୍ତି ଓ ସ୍ମାର୍ଟ ଚାଷ ସହ ମିଶ୍ରିତ ଚାଷକୁ ଆପଣେଇ ସରକାରୀ ଯୋଜନାର ସୁଫଳ ଗ୍ରହଣ କରିବା ଦିଗରେ ମତ ରଖିଛନ୍ତି ଓ ଜୈବପ୍ରଯୁକ୍ତି, ଡ୍ରୋନ୍, ରୋବୋଟିକ୍ସ ଓ ସେନ୍ସର୍ ଆଧାରିତ ପ୍ରଯୁକ୍ତି ଭବିଷ୍ୟତର ପ୍ରଯୁକ୍ତିଗତ ଦିଗଦର୍ଶକ ହେବ। ଓଡ଼ିଶାର କୃଷକମାନଙ୍କ ପାଇଁ ଏଭଳି ନୂତନ ପ୍ରଯୁକ୍ତିଗତ ଉଦ୍ଭାବନର ପ୍ରଦର୍ଶନ ଓ ପ୍ରୟୋଗ ନିମନ୍ତେ ଓୟୁଏଟି ଏକ ଜୀବନ୍ତ ପ୍ରୟୋଗଶାଳା ଭାବେ କାର୍ଯ୍ୟ କରୁ ବୋଲି ଶ୍ରୀ ଜାଧବ କହିଛନ୍ତି ।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଓୟୁଏଟିର ଗୌରବମୟ ଯାତ୍ରାରେ କୃଷି ଶିକ୍ଷା, ଗବେଷଣା, ପ୍ରଯୁକ୍ତି ବିକାଶ ଓ ସମ୍ପ୍ରସାରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ବାବଦରେ ମତବ୍ୟକ୍ତ କରିଛନ୍ତି ଓ ଓଡ଼ିଶାର କୃଷି ଓ କୃଷକଙ୍କ ସଶକ୍ତିକରଣରେ ବିଶ୍ୱବିଦ୍ୟାଳୟ ଏକ ଅଗ୍ରଣୀ ଭୂମିକା ନିର୍ବାହ କରିଆସିଛି। ଏହି ପ୍ରତିଷ୍ଠା ଦିବସ ଅବସରରେ ବିଶ୍ୱବିଦ୍ୟାଳୟ ନିଜର ସଫଳତାକୁ ସ୍ମରଣ କରିବା ସହ ଭବିଷ୍ୟତରେ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ନୂତନ ଦିଗନ୍ତ ସୃଷ୍ଟି କରିବାର ସଂକଳ୍ପ ନେବ ବୋଲି ପ୍ରଫେସର ରାଉଳ କହିଛନ୍ତି ।

ପ୍ରତିଷ୍ଠା ଦିବସ ଅବସରରେ ଅତିଥିମାନଙ୍କ ଦ୍ୱାରା ଓୟୁଏଟି ପକ୍ଷରୁ ବିଭିନ୍ନ ବିଷୟରେ ୩୭ଟି ପ୍ରକାଶନ ଉନ୍ମୋଚନ ହୋଇଛି ଓ ବିଶ୍ୱବିଦ୍ୟାଳୟର ଏମ୍ଆଇଏସ୍ ଏବଂ ଡିଜିଟାଲ୍ ପଦକ୍ଷେପର ଶୁଭାରମ୍ଭ ସହ ନୂତନ ଭିତ୍ତିଭୂମି ବିଦ୍ୟାର୍ଥୀ ଭବନ, ଉଦ୍ୟମିତା ଭବନ, ଭୁବନେଶ୍ୱରୀ ଛାତ୍ରୀ ନିବାସ, ପଶୁ ଚିକିତ୍ସା ପରିସରକୁ ଆଭାସୀ ମାଧ୍ୟମରେ ଉଦଘାଟନ ମଧ୍ୟ କରାଯାଇଛି। ଏହା ସହ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ୩୩ ଜଣ ମହିଳା କୃଷି ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ଏହି ଅବସରରେ ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ଓ ଚମତ୍କାର ସଫଳତା ପାଇଁ ବିଭିନ୍ନ ବର୍ଗରେ ଶ୍ରେଷ୍ଠତା ଅର୍ଜନ କରିଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। କୃଷି ମହାବିଦ୍ୟାଳୟ, ଭବାନୀପାଟଣାର ଛାତ୍ରୀ ସମୀକ୍ଷା ପାଳଙ୍କୁ ଶ୍ରେଷ୍ଠ ସ୍ନାତକ ଏବଂ ପ୍ରତୀକ ରଥଙ୍କୁ ଶ୍ରେଷ୍ଠ ପୁରୁଷ ସ୍ନାତକ ଭାବେ ସମ୍ମାନିତ କରାଯାଇଥିଲା। ଡଃ ସଞ୍ଜୟ କୁମାର ରାଉଳଙ୍କୁ ଶ୍ରେଷ୍ଠ ଶିକ୍ଷକ, ଡଃ ଦେବଦତ୍ତ ସେଠୀଙ୍କୁ (ସ୍ୱପସ୍ୱ) ଶ୍ରେଷ୍ଠ ବୈଜ୍ଞାନିକ, ଡଃ ଦାବନଗେରେ ଲେଙ୍କା, କେଭିକେ, ନବରଙ୍ଗପୁରଙ୍କୁ ଶ୍ରେଷ୍ଠ ସମ୍ପ୍ରସାରଣ ବୈଜ୍ଞାନିକ ଏବଂ ଡଃ କବିତା ସେଠୀ, କନିଷ୍ଠ ବୈଜ୍ଞାନିକ, ଇଓଉଜଚ କ୍ଟଭ ଉବସ୍ୱକ୍ଷରଙ୍ଗଙ୍କୁ ଶ୍ରେଷ୍ଠ ମହିଳା ବୈଜ୍ଞାନିକ ଭାବେ ପୁରସ୍କୃତ କରାଯାଇଥିଲା।

ସେହିପରି ଡଃ ଦେବ୍ରା ମେହେରଙ୍କୁ ଶ୍ରେଷ୍ଠ ବୈଷୟିକ କର୍ମଚାରୀ, ଶ୍ରୀ ସରୋଜ କୁମାର ନାୟକ, କୃଷି ମହାବିଦ୍ୟାଳୟ, ଭୁବନେଶ୍ୱରଙ୍କୁ ଶ୍ରେଷ୍ଠ ମନ୍ତ୍ରଣାଳୟ କର୍ମଚାରୀ ଭାବେ ସମ୍ମାନିତ କରାଯାଇଥିଲା। ଇଓଉଜଚ କ୍ଟଭ ଖସଭସ୍ୱରରୟକୁ ଶ୍ରେଷ୍ଠ ଇଓଉଜଚ, କେଭିକେ, ମୟୂରଭଞ୍ଜ-ଓଓକୁ ଶ୍ରେଷ୍ଠ କେଭିକେ ଏବଂ ଇଓଉଜଚ କ୍ଟଭ ଉବସ୍ୱକ୍ଷରଙ୍ଗକୁ ଶ୍ରେଷ୍ଠ ବିହନ ଓ ଛଚଗ ଉତ୍ପାଦନ ୟୁନିଟ୍ ଭାବେ ପୁରସ୍କୃତ କରାଯାଇଥିଲା। ପ୍ରତିଷ୍ଠା ଦିବସ ପାଳନର ଅଂଶବିଶେଷ ଭାବେ ଓଡ଼ିଶାର ବିଭିନ୍ନ ଜିଲ୍ଲାର କୃଷକମାନଙ୍କ ଦ୍ୱାରା ଉତ୍ପାଦିତ କୃଷି ଓ ଆନୁଷଙ୍ଗିକ ସାମଗ୍ରୀକୁ ନେଇ ଏକ ଆକର୍ଷଣୀୟ କୃଷକ ପ୍ରଦର୍ଶନୀ ଓ ମେଳା ମଧ୍ୟ ଆୟୋଜିତ ହୋଇଥିଲା। ଏହି ପ୍ରଦର୍ଶନୀ କୃଷକ ଓ କୃଷି ଉଦ୍ୟୋଗୀମାନଙ୍କୁ ନିଜ ଉତ୍ପାଦ ପ୍ରଦର୍ଶନ କରିବା ସହ ଆଗନ୍ତୁକମାନଙ୍କ ସହ ଭାବ ବିନିମୟ ଓ ଅନୁଭୂତି ବାଣ୍ଟିବା ପାଇଁ ଏକ ଉତ୍ତମ ମଞ୍ଚ ପ୍ରଦାନ କରିଥିଲା।

କାର୍ଯ୍ୟକ୍ରମକୁ କୃଷି ସମ୍ପ୍ରସାରଣ ଓ ଶିକ୍ଷା ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇ ଆରମ୍ଭ କରିଥିବା ବେଳେ ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀମତୀ ପ୍ରତିଭା ଦୋରା, ଧନ୍ୟବାଦ ଦେଇଛନ୍ତି ।

## ଏସ୍ଆଇଆର୍ ନାଁ ରେ ଭୋଟର ତାଲିକାରୁ ନାମ କଟାଯାଉଛି



କେନ୍ଦ୍ରାପଡ଼ା, ୨୫/୮ : କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରୁ ଅନେକ ଲୋକଙ୍କ ନାମ କାଟିବା ଘଟଣା ରେ ଆଜି ପ୍ରାକ୍ତନ ମନ୍ତ୍ରୀ ଶ୍ରୀ ଅତନୁ ସବ୍ୟସାଚୀ ନାୟକ ସମେତ ନିର୍ବାଚନ ମଣ୍ଡଳୀ ର ଅନେକ ନେତା ଆଜି ଅପରାହ୍ନରେ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେମାନଙ୍କ କହିବା କଥା ଅନୁସାରେ, ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ରେ ଝଓଜ ସଂସୋଧନ ନାଁ ରେ ଅନେକ ଲୋକଙ୍କୁ ସେମାନଙ୍କର ଭୋଟ ଦେବା ଅଧିକାର ରୁ ବଞ୍ଚିତ କରାଯାଉଛି। ଏଭଳି କାର୍ଯ୍ୟ ଉଦେଶ୍ୟ ମୂଳକ ଭାବେ କରାଯାଉଥିବା ର ଶ୍ରୀ ନାୟକ ଜିଲ୍ଲାପାଳ ଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ମହୋଦୟ ଉକ୍ତ ବିଷୟ କୁ ଗମ୍ଭୀର ଭାବରେ ଶୁଣି ଏହା ବିଧିବଦ୍ଧ ତଦନ୍ତ ପାଇଁ କଥା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ର ଆଗ ଧାଡ଼ିର ନେତା ଉପସ୍ଥିତ ଥିଲେ।

## ରାଜ୍ୟରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ

ଭୁବନେଶ୍ୱର,୨୫/୮ ( : ରାଜ୍ୟରେ ଲଘୁଚାପଜନିତ ବର୍ଷା ଓ କେତେକ ଅଞ୍ଚଳରେ ବନ୍ୟା ପରିସ୍ଥିତି ଉପରେ ସ୍ୱେଶାଲ ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ତଥା ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର ପକ୍ଷରୁ ୨୪ ଘଣ୍ଟିଆ ନଜର ରଖାଯାଇଛି। ୨୫ ଅଗଷ୍ଟ ୨୦୨୬ ସକାଳ ୧୧ଟା ପର୍ଯ୍ୟନ୍ତ ମିଳିଥିବା ସ୍ଥିତି ଅନୁଯାୟୀ, ସମଗ୍ର ରାଜ୍ୟର ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି।

ଭାରତୀୟ ପାଣିପାଗ ବିଭାଗ (ଓଗଉ) ଅନୁଯାୟୀ, ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଏହାର ସଂଲଗ୍ନ ଝାଡ଼ଖଣ୍ଡ ଏବଂ ଉତ୍ତର ଓଡ଼ିଶା ଅଞ୍ଚଳ ଉପରେ ରହିଥିବା ଲଘୁଚାପ କ୍ଷେତ୍ର ସମାନ ଅଞ୍ଚଳରେ ସକ୍ରିୟ ରହିଛି। ଏହା ସହିତ ସଂପୃକ୍ତ ଘୂର୍ଣ୍ଣିବଳୟ ପ୍ରବାହ ସମୁଦ୍ର ପତ୍ତନଠାରୁ ପ୍ରାୟ ୭.୬ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବିସ୍ତୃତ ରହିଛି। ଆସନ୍ତା ୨୪ ଘଣ୍ଟାରେ ଏହି ପ୍ରଣାଳୀ ଝାଡ଼ଖଣ୍ଡ ଓ ଉତ୍ତର ଓଡ଼ିଶା ଦେଇ ପ୍ରାୟ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି।

ଆଜି ରାଜ୍ୟର କେତେକ ଜିଲ୍ଲାରେ ବଜ୍ରପାତ ସହ ଘଡ଼ଘଡ଼ି ଏବଂ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ଝଟକା ପବନ ବହିବାର ସମ୍ଭାବନା ରହିଛି। ଏଥିପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲା ପ୍ରଶାସନକୁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି।

ଗତ ୨୪ ଘଣ୍ଟାରେ ରାଜ୍ୟରେ ହାରାହାରି ୧୭.୫ ମିଲିମିଟର ବର୍ଷା ରେକର୍ଡ ହୋଇଛି।

### କୋଶଳ ମୁକ୍ତି ମୋର୍ଚ୍ଚାର ଆମରଣ ଅନଶନ ପ୍ରସଙ୍ଗ

## ଦାବି ପୂରଣ ହେବାପରେ ଆମରଣ ଅନଶନ ପ୍ରତ୍ୟାହୃତ

ବଲାଙ୍ଗିର,୨୫/୮: ବଲାଙ୍ଗୀର ଜିଲା ପାଟଣାଗଡ଼ ଉପଖଣ୍ଡ ଚିକିତ୍ସାଳୟରେ କୋଶଳ ମୁକ୍ତି ମୋର୍ଚ୍ଚାର ଆନ୍ଦୋଳନ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି । ୩ ଜଣ ଡାକ୍ତର ଙ୍କୁ ନିଯୁକ୍ତି ଦେବା ସହ ଅନ୍ୟ ଦାବି ଗୁଡିକ ପୂରଣ ହେବାପରେ ଆମରଣ ଅନଶନ ପ୍ରତ୍ୟାହୃତ ହୋଇଛି । ଜିଲ୍ଲା ଚିକିତ୍ସା ଅଧିକାରୀ ପାଟଣାଗଡ ଉପଖଣ୍ଡ ଚିକିତ୍ସା ଅଧିକାରୀ ଙ୍କ ହାତରେ ଡାକ୍ତର ନିଯୁକ୍ତି ଚିଠି ପହଞ୍ଚାଇବା ପରେ ଆନ୍ଦୋଳନ କାରୀମାନେ ଆମରଣ ଅନସନରୁ ଓହରିଥିଲେ । ଏହାରି ପ୍ରତିବାଦରେ ସୋମବାର ଦିନ ଠାରୁ ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ ଜାରି ରଖି ଥିବାବେଳେ ସେମାନଙ୍କ ମଧ୍ୟରୁ କୋଶଳ ମୁକ୍ତି ମୋର୍ଚ୍ଚାର କାର୍ଯ୍ୟକାରୀ ସଭାପତି ଡିଙ୍ଗର କୁମ୍ଭାର ଆମରଣ ଅନଶନରେ ବସିଥିଲି । ସଫେଇ କର୍ମଚାରୀ ଓ ବିଭିନ୍ନ ସଙ୍ଗଠନ ଓ ବିଭିନ୍ନ ବ୍ଲକର ଜନସାଧାରଣ ସମ୍ପୂର୍ଣ୍ଣ ଭାବରେ ସହଯୋଗ ସହ ସମର୍ଥନ କରିଥିଲେ ।ପ୍ରକାଶ ଯେ , ବହୁ ପୁରାତନ ଏହି ପାଟଣାଗଡ଼ ଉପଖଣ୍ଡୀୟ ଚିକିତ୍ସା ଳୟରେ ସମୁଦାୟ ୫୦ ଡାକ୍ତର କାର୍ଯ୍ୟ କରିବାର ପ୍ରାବଧାନ ରହିଥିବା ବେଳେ ଜଣେ ଅଧୀକ୍ଷକ ଏବଂ ୨ ଜଣ ବିଶେଷଜ୍ଞ ଙ୍କୁ ମିଶାଇ ବର୍ତ୍ତମାନ ନୂତନ ଚିକିତ୍ସାଳୟରେ ରହିଛନ୍ତି ୧୨ ଜଣ ଡାକ୍ତର । ତାହା ମଧ୍ୟରୁ ୮ ଜଣ ରହିଛନ୍ତି ଏଲ୍ଟିଆର୍ଏମ୍ଓ । ଡାକ୍ତରଖାନାରେ ଦୀର୍ଘ ବର୍ଷ ହେବ କୌଣସି ଶଲ୍ୟ ଚିକିତ୍ସକ ନଥିବା ସହ ଶିଶୁ ରୋଗ ବିଶେଷଜ୍ଞ, ପାଥୋଲୋଜି, ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ, ଦନ୍ତ ଚିକିତ୍ସକ ଇତ୍ୟାଦି ପଦବୀମାନ ଖାଲି ରହିଛି । ଜଣେ ଭେଷଜ ବିଶେଷଜ୍ଞ ରହିଥିଲେ ମଧ୍ୟ ସେ ଗତ ୨୫.୦୪.୨୦୨୪ ରୁ ସେ ଛୁଟିରେ ରହିଥିବା ଜଣା ପଡିଛି । ସେହିଭଳି ୩୫ ଜଣ ଏଲଟିଆରଏମଓ ଡାକ୍ତର ଅବସ୍ଥାପିତ ହେବାକୁ ଥିବା ବେଳେ । କେବଳ ୮ ଜଣ ରହିଥିବା ଜଣାଯାଇଛି । ଏଭଳି ସ୍ଥିତିରେ ଜନସାଧାରଣ ସ୍ୱାସ୍ଥ୍ୟ ସେବା ଭଳି ନିଜର ମୌଳିକ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି । ଆଜିର ଏହି ଆମରଣ ଅନସନକୁ ସମର୍ଥନ ଜଣାଇ ରମେଶ ଜୈନ, ସୁଶୀଲ କୁମାର ଗୁରୁ, ବିମଳ ବାଗ , ସାନ୍ତନୁ ବୁଦ୍ଧିଆ, ଜୟନ୍ତ କୁମ୍ଭାର ଙ୍କ ସମେତ ସଂଘର ଅନେକ ସଦସ୍ୟ ସହ ସଫେଇ କର୍ମଚାରୀମାନେ ଯୋଗଦେଇ ଥିଲେ ।



## ଏମଏମଡିଆର ସଂଶୋଧନ ବିଲ ରାଜ୍ୟର ସ୍ୱାର୍ଥ ବିରୋଧରେ ଏକ ଷଡଯନ୍ତ୍ର : ବିଜେଡି

ଭୁବନେଶ୍ୱର,୨୫/୮: ଏମଏମଡିଆର ସଂଶୋଧନ ଆକ୍ଟକୁ ନେଇ ବିଜେପି ଉପରେ ବର୍ଷିଛି ବିଜୁ ଜନତା ଦଳ। ଏମଏମଡିଆର ସଂଶୋଧନ ବିଲ ପାରିତ ହେବା ଦିନଟି ଓଡିଶା ପାଇଁ କଳା ଦିବସ ଥିଲା କାରଣ ଏହି ବିଲ୍ ମାଧ୍ୟମରେ ଓଡିଶା ଠାରୁ ଅର୍ଥନୈତିକ ସ୍ୱାଧୀନତା ଛଡାଇ ନିଆଯାଇଛି ବୋଲି ବିଜେଡି କହିଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ବିଧାୟକ ଗୌତମବୁଦ୍ଧ ଦାସ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଏମଏମଡିଆର ବିଲ୍ ଓଡ଼ିଶାର ସ୍ୱାର୍ଥ ବିରୋଧୀ।



ଗୌତମବୁଦ୍ଧ ଦାସ କହିଥିଲେ, ଏମଏମଡିଆର ସଂଶୋଧନ ବିଲ୍ ମାଧ୍ୟମରେ ରାଜ୍ୟର ନ୍ୟାର୍ଯ୍ୟ ପ୍ରାପ୍ୟ ଯେତେବେଳେ ଛଡାଇ ନିଆଯାଉଥିଲା, ସେତେବେଳେ ବିଜେପିର ୨୦ ଜଣ ଲୋକସଭା ସଦସ୍ୟ ଓ ୫ ଜଣ ରାଜ୍ୟସଭା ସଦସ୍ୟ ଏହାକୁ ହାତ ଟେକି ସମର୍ଥନ କରିଥିଲେ। ଇତିହାସ ଏମାନଙ୍କୁ କେବେ କ୍ଷମା ଦେବ ନାହିଁ। ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରି ବିଜେପିର ସାଂସଦ ମାନେ ନିଜ ପାର୍ଟିର ସ୍ୱାର୍ଥ ପାଇଁ କାର୍ଯ୍ୟକଲେ। ଏହି ସାଂସଦ ମାନଙ୍କ ପାଇଁ ମାଟି ବଡ଼ ନୁହେଁ ବରଂ ପାର୍ଟି ବଡ଼। ଓଡ଼ିଶାର ସ୍ୱାର୍ଥକୁ ବଳି ପକାଇ ଦେବା ପାଇଁ ବିଜେପି ଶୀର୍ଷ ନେତୃତ୍ୱଙ୍କ ଦ୍ୱାରା ଏମଏମଡିଆର ମାଧ୍ୟମରେ ଏକ ଷଡଯନ୍ତ୍ର ରଚାଯାଇଥିଲା। ପୁଞ୍ଜିପତି ମାନଙ୍କୁ ଫାଇଦା ଦେବା ପାଇଁ ଏହି ଷଡ଼ଯନ୍ତ୍ର ରଚାଯାଇଛି। ଏହି ଆକ୍ଟ ପାରିତ ହେବା ଯୋଗୁ ଓଡିଶା ଏକ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବକେୟା ଆଦାୟ କରିବାରୁ ବଞ୍ଚିତ ହୋଇଛି। ଏହାଛଡା, ଖଣିରେ ଲାଗୁ ହେବାକୁ ଥିବା ଟିକସ ମାଧ୍ୟମରେ ପ୍ରତି ବର୍ଷ ୧୨, ୦୦୦ କୋଟି ଟଙ୍କାର ରାଜସ୍ୱ ଓଡିଶା ହରାଇବ। ଦୁର୍ଭାଗ୍ୟର କଥା, ନିକଟରେ କେନ୍ଦ୍ର ମନ୍ତ୍ରୀମଣ୍ଡଳରୁ ବିଦା ହୋଇଥିବା ଜଣେ ବିଜେପି ସାଂସଦ ଏହି ସଂଶୋଧନ ବିଲ ସପକ୍ଷରେ ଯୁକ୍ତି ବାଢୁଛନ୍ତି। ବିଜେଡି ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି ଓଡ଼ିଶାର ସ୍ୱାର୍ଥକୁ ହାସଲ ପାଇଁ ସେ ଲଢେଇର ଆହ୍ୱାନ ଦେଇଛନ୍ତି। ତେଣୁ ବିଜୁ ଜନତା ଦଳ ଓଡ଼ିଶାର ସ୍ୱାର୍ଥ ପାଇଁ ଲଢେଇ ଜାରି ରଖିବ।

ଡ. ଲେନିନ ମହାନ୍ତି କହିଥିଲେ, ଖଣି ରାଜସ୍ୱ ଓଡ଼ିଶାର ବିକାଶର କର୍ଣ୍ଣଧାର ହୋଇଥିବା ବେଳେ, ଖଣିରୁ ରାଜ୍ୟକୁ ମିଳିବାକୁ ଥିବା ବିପୁଳ ରାଜସ୍ୱ, ଏମଏମଡିଆର ସଂଶୋଧନ ବିଲ ମାଧ୍ୟମରେ ହାନୀ ହେବାକୁ ଯାଉଛି, ଅଥଚ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁହଁରେ ତୁଣ୍ଡି ଦେଇ ବସିଛନ୍ତି। ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଏହି ପ୍ରସଙ୍ଗରେ ସ୍ୱଷ୍ଟୀକରଣ ରଖୁ ନାହାନ୍ତି କାହିଁକି। କେନ୍ଦ୍ର ସରକାର ଚକ୍ରାନ୍ତ କରି ଖଣି ଓ ଖଣି ରହିଥିବା ଜମି ଉପରେ ମଧ୍ୟ ରାଜ୍ୟର କୌଣସି ଅଧିକାର ରହିବ ନାହିଁ ବୋଲି ବ୍ୟବସ୍ଥା କରିଛନ୍ତି। ଏହାଛଡା ଏହି ଆଇନ ମାଧ୍ୟମରେ ରାଜ୍ୟ ସରକାର ଖଣିଜ ପଦାର୍ଥ ଉପରେ କୌଣସି ଟିକସ ଲଗାଇ ପାରିବ ନାହିଁ। ଏହି କଳା ଆଇନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଚୁପ କାହିଁକି। ବିଜେପିର କିଛି ନେତା ଦାବି କରୁଛନ୍ତି, ୨୦୧୫ ମସିହାରେ କେନ୍ଦ୍ର ସରକାର ଏମଏମଡିଆର ଆକ୍ଟରେ ସଂଶୋଧନ ଆଣିବା ପରେ ଓଡ଼ିଶାର ଖଣି ରାଜସ୍ୱ ୫୦୦୦ କୋଟିରୁ ୫୦, ୦୦୦ କୋଟିକୁ ବୃଦ୍ଧି ପାଇଲା। ଓଡ଼ିଶାର ଖଣି ରାଜସ୍ୱ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଶ୍ରେୟ ଦେବାକୁ ଚେଷ୍ଟା କରୁଥିବା ବିଜେପି ନେତା ମାନେ କହିବେ କି, କେଉଁ କାରଣରୁ ଓଡ଼ିଶାର ଖଣି ରାଜସ୍ୱ ବୃଦ୍ଧି ତୁଳନାରେ ଗୁଜୁରାଟ, ମହାରାଷ୍ଟ୍ର, ରାଜସ୍ଥାନ ଇତ୍ୟାଦି ରାଜ୍ୟର ୨୦୧୫ ଏମଏମଡିଆର ସଂଶୋଧନ ପରେ ସମାନ ଅନୁପାତରେ ବୃଦ୍ଧି ପାଇଲା ନାହିଁ କାହିଁକି।

ସମ୍ପାଦକୀୟ

## ଯୁଗାନ୍ତକାରୀ ଓ ଐତିହାସିକ ପଦକ୍ଷେପ

'ଜ୍ଞାନୋଦୟ – ଶିକ୍ଷା ରୁ ସମୃଦ୍ଧି' ଯୋଜନା ରାଜ୍ୟର ବିକାଶ ଧାରାରେ ଏକ ନୂତନ ସୂର୍ଯ୍ୟୋଦୟ ଆଣିଛି, ଯାହା ଗରିବ ଓ ମଧ୍ୟବିତ୍ତ ପରିବାରର ପିଲାମାନଙ୍କ ପାଇଁ ଉଚ୍ଚଶିକ୍ଷାର ସ୍ୱପ୍ନକୁ ବାସ୍ତବତାରେ ରୂପାନ୍ତରିତ କରିବ । ରାଜ୍ୟର ଯୋଗ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକରେ କେଜି (କଏ) ଠାରୁ ଆରମ୍ଭ କରି ପିଜି (ଚଏ) ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମାଗଣା ଶିକ୍ଷା ପ୍ରଦାନ କରିବାର ଏହି ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତ୍ତି ଓଡ଼ିଶାର ବୌଦ୍ଧିକ ଓ ସାମାଜିକ ସମୃଦ୍ଧିକୁ ଏକ ନୂଆ ଶିଖରକୁ ନେଇଯିବ । ଆଗାମୀ ୨୦୨୬-୨୭ ଶିକ୍ଷା ବର୍ଷରୁ ହିଁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବାକୁ ଯାଉଥିବା ବେଳେ ରାଜ୍ୟର ସମସ୍ତ ଯୋଗ୍ୟ ସରକାରୀ, ପୂର୍ଣ୍ଣ ଅନୁଦାନପ୍ରାପ୍ତ, ନୂତନ ଅନୁଦାନପ୍ରାପ୍ତ ମାଧ୍ୟମିକ ବିଦ୍ୟାଳୟ ଏବଂ ସରକାରୀ ଓ ସହାୟତାପ୍ରାପ୍ତ ୪୮୮ ଓ ୬୬୨ ବର୍ଗର ଉଚ୍ଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ନାମଲେଖା ଫି' ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି, ଯାହା ଫଳରେ ଅର୍ଥ ଅଭାବରୁ କୌଣସି ବି ମେଧାବୀ ଛାତ୍ରଛାତ୍ରୀ ଶିକ୍ଷାରୁ ବଞ୍ଚିତ ହେବେ ନାହିଁ । ସରକାରଙ୍କ ପକ୍ଷରୁ ସମସ୍ତ ଶିକ୍ଷାନୁଷ୍ଠାନକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି ଯେ ନାମଲେଖା ସମୟରେ ଛାତ୍ରଛାତ୍ରୀଙ୍କ ଠାରୁ କୌଣସି ପ୍ରକାରର ଆଡମିଶନ ଫି' ଆଦାୟ କରାଯାଇପାରିବ ନାହିଁ, ଯାହା ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ସହ ଅଭିଭାବକମାନଙ୍କ ଉପରୁ ଆର୍ଥିକ ବୋଝକୁ ସମ୍ପୂର୍ଣ୍ଣ ଲାଘବ କରିବ । ବହୁ ସମୟରେ ଦେଖାଯାଏ ଯେ ଗରିବ ପରିବାରର ପିଲାମାନେ ପ୍ରାଥମିକ ଶିକ୍ଷା ଶେଷ କଲାପରେ ମଧ୍ୟ ଅର୍ଥ ଆବଶ୍ୟକତା ଯୋଗୁଁ ଉଚ୍ଚ୍ଚ ମାଧ୍ୟମିକ କିମ୍ବା ସ୍ନାତକୋତ୍ତର (ଚଏ) ଶିକ୍ଷା ଗ୍ରହଣ କରିପାରନ୍ତି ନାହିଁ ଏବଂ ମଝିରୁ ପାଠପଢ଼ା ଛାଡ଼ିବାକୁ ବାଧ୍ୟ ହୁଅନ୍ତି, କିନ୍ତୁ 'ଜ୍ଞାନୋଦୟ' ଯୋଜନା ଏହି ବଡ଼ ସାମାଜିକ ସମସ୍ୟାର ସମାଧାନ କରି ରାଜ୍ୟରେ ଡ୍ରପ୍-ଆଉଟ୍ (ଉକ୍ସକ୍ଟକ୍ତ-କ୍ଟଙ୍କସ୍ପ) ହାରକୁ ଶୂନକୁ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ଏହି ପଦକ୍ଷେପ କେବଳ ଏକ ସରକାରୀ ଯୋଜନା ନୁହେଁ, ବରଂ ଓଡ଼ିଶାର ମାନବ ସମ୍ବଳ ବିକାଶ ପାଇଁ ଏକ ଦୃଢ଼ ଭିତ୍ତିଭୂମି ସଦୃଶ, ଯାହା ଆଗାମୀ ଦିନରେ ରାଜ୍ୟର କୋଣ ଅନୁକୋଣରେ ଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବ ଏବଂ ଓଡ଼ିଶାକୁ ଏକ ଜ୍ଞାନଭିତ୍ତିକ ସମାଜ ଭାବେ ଗଢ଼ିତୋଳିବ । ସରକାରଙ୍କ ଏହି ନିଷ୍ପତ୍ତି ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ଏକ ବଡ଼ ସଂସ୍କାର ଆଣିବା ସହ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକର ବ୍ୟବସାୟିକ ମନୋଭାବ ଉପରେ ଏକ ଶକ୍ତ ପ୍ରହାର କରିବ ଏବଂ ସରକାରୀ ତଥା ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ଆହୁରି ଦ୍ୱିଗୁଣିତ କରିବ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏହି କଡ଼ା ନିର୍ଦ୍ଦେଶନାମାକୁ ସଠିକ୍ ଭାବେ କ୍ଷେତ୍ର ସ୍ତରରେ ରୂପାନ୍ତରିତ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ଅଧିକାରୀମାନଙ୍କୁ ସର୍ବଦା ସତର୍କ ଓ ସଜାଗ ରହିବାକୁ ହେବ, ଯେପରି କୌଣସି ସ୍ଥାନରେ ନିୟମର ଉଲ୍ଲଂଘନ ନହୁଏ ଏବଂ ପ୍ରତିଟି ଯୋଗ୍ୟ ଛାତ୍ରଛାତ୍ରୀ ଏହି ମାଗଣା ଶିକ୍ଷାର ଅଧିକାର ସହଜରେ ପାଇପାରିବେ । 'ଶିକ୍ଷା ହିଁ ସମୃଦ୍ଧିର ଚାବିକାଠି' – ଏହି ମନ୍ତ୍ରକୁ ବାସ୍ତବରେ ପ୍ରମାଣିତ କରି ଓଡ଼ିଶା ସରକାର ଶିକ୍ଷା କ୍ଷେତ୍ରରେ ଯେଉଁ ନୂତନ ଯୁଗର ସୂତ୍ରପାତ କରିଛନ୍ତି, ତାହା ଆଗାମୀ ପିଢ଼ି ପାଇଁ ଏକ ସୁଦୃଢ଼ ଏବଂ ସ୍ୱାବଲମ୍ବୀ ଓଡ଼ିଶାର ସ୍ୱପ୍ନକୁ ସାକାର କରିବ ଏଥିରେ କୌଣସି ସନ୍ଦେହ ନାହିଁ ।

# ମୁକ୍ତି ସଂଗ୍ରାମରେ ଜଗତସିଂହପୁରର "ତ୍ରିଦେବୀ"

**ହିମାଂଶୁ ଶେଖର ଆଚାର୍ଯ୍ୟ**

ଭାରତର ମୁକ୍ତି ସଂଗ୍ରାମ ଅନେକ ତ୍ୟାଗ, ବଳିଦାନ ଓ ବୀରତ୍ୱର କଥା କହେ। ଦେଶ ମାତୃକାର ସ୍ୱାଧୀନତା ପାଇଁ ବହୁ ସଂଗ୍ରାମୀ ଲାଠିମାଡ଼ ଖାଇଛନ୍ତି, କାରାବରଣ କରିଛନ୍ତି ଓ ସହିଦ୍ ହୋଇଛନ୍ତି। ୧୮୫୭ ମସିହା ସିପାହୀ ବିଦ୍ରୋହ ଠାରୁ ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନ ପର୍ଯ୍ୟନ୍ତ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଭିତରେ ବହୁ ବିପ୍ଳବୀ ଅଭୁତପୂର୍ବ ଆତ୍ମୋତ୍ସର୍ଗ ଓ ଦେଶପ୍ରେମର ବିରଳ ଦୃଷ୍ଟାନ୍ତ ରଖି ଯାଇଛନ୍ତି। ସେମାନଙ୍କ ସେହି ତ୍ୟାଗ ଚିରଦିନ ସ୍ମରଣୀୟ ହୋଇ ରହିବ। ଏହି ସ୍ୱାଧୀନତା ଆନ୍ଦୋଳନରେ ଅନ୍ୟ ରାଜ୍ୟ ଭଳି ଓଡ଼ିଶା ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହି ଜାତୀୟ ଆନ୍ଦୋଳନରେ ଜଗତସିଂହପୁର ଭୂମିକା ବି କୌଣସି ଗୁଣରେ କମ୍ ନ ଥିଲା। ଏହି ମାଟିର ସୁଯୋଗ୍ୟ ସନ୍ତାନ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ଭାଗିରଥୀ ମହାପାତ୍ର, ନିତ୍ୟାନନ୍ଦ କାନୁନ୍‌ଗୋ, ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିହାରୀ, ନାରାୟଣ ବୀରବର ସାମନ୍ତ, ଗୌରାଙ୍ଗ ଚରଣ ଦାସ, ହରେକୃଷ୍ଣ ବିଶ୍ୱାଳ, ଜାତୀୟ କବି ବୀରକିଶୋର ଦାସ ଓ ଆହୁରି ଅନେକ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ବିଶେଷକରି ଜଗତସିଂହପୁର ଯେଉଁ ମହୀୟସୀ ମହିଳାମାନେ ସେସମୟର ସାମାଜିକ ଲକ୍ଷ୍ମଣରେଖାକୁ ଅତିକ୍ରମ କରି ସ୍ୱାଧୀନତା ଆନ୍ଦୋଳନର ଯଜ୍ଞବେଦୀରେ ଝାସ ଦେଇଥିଲେ, ସେମାନଙ୍କ ମଧ୍ୟରେ ଉତ୍କଳର ମା' ରମାଦେବୀ, ବିପ୍ଳବିନୀ ମାଳତୀ ଚୌଧୁରୀ ଓ ଅଗ୍ନିକନ୍ୟା ସରଳା ଦେବୀ ଅଗ୍ରଗଣ୍ୟା।

**ରମା ଦେବୀ :** ରମାଦେବୀ ଥିଲେ ଏକ ସମ୍ଭ୍ରାନ୍ତ ପରିବାରର ଝିଅ ଓ ବୋହୂ। ସେ ୧୮୯୯ ମସିହା ଡ଼ିସେମ୍ବର ୩ ତାରିଖରେ କଟକ ଜିଲ୍ଲା ଅନ୍ତର୍ଗତ ସାଲେପୁର ଅଂଚଳର ସତ୍ୟଭାମାପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ପିତା ଗୋପାଳବଲ୍ଲଭ ଦାସ ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସାନଭାଇ। ପରବର୍ତ୍ତୀ ସମୟରେ ସେ ହେଲେ ଜଗତସିଂହପୁର ଖେରସ ଗ୍ରାମର ଜମିଦାର ଗୋକୁଳାନନ୍ଦ ଚୌଧୁରୀଙ୍କ ପୁତ୍ରବଧୂ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ଧର୍ମପତ୍ନୀ। ୧୯୨୧ ମସିହାର କଥା, ନାରୀମାନଙ୍କୁ ଜାତୀୟ ମନ୍ତ୍ରରେ ଅଭିମନ୍ତ୍ରିତ କରିବା ପାଇଁ ଗାନ୍ଧିଜୀ ପ୍ରଥମ ଥର ପାଇଁ କଟକର ଏକ ମହିଳା ସଭାରେ ଉଦ୍‌ବୋଧନ ଦେଇଥିଲେ। ସେ କହିଥିଲେ – ଜାତି ପାଇଁ କିଛି ବଡ଼ କାମ କରିବାକୁ ଇଚ୍ଛା କରୁଥିଲେ ପୁରୁଷ ପାଇଁ ଦେହ ସଜାଇବାର ନିର୍ବୋଧତାକୁ ନାରୀମାନଙ୍କୁ ଛାଡ଼ିବାକୁ ହେବ। ଆପଣମାନେ ସୌଖୀନତାକୁ ବଡ଼ କରନ୍ତୁ ନାହିଁ। ଅନ୍ତରର ସୁଗନ୍ଧ ହିଁ ସବୁଠାରୁ ବେଶୀ ବାସ ଚହଟାଇ ପାରିବ। ଗାନ୍ଧିଜୀଙ୍କ କଥାରେ କି କୁହୁକ ଥିଲା କେଜାଣି ତାଙ୍କ ଭାଷଣ ଶୁଣି ରମାଦେବୀ ସେହି ଦିନଠାରୁ ଦେଶ ସେବାରେ ନିଜକୁ ଉତ୍ସର୍ଗ କରିଦେବା ପାଇଁ ସଂକଳ୍ପ ନେଇଥିଲେ।

୧୯୨୨ ମସିହା ଫେବୃଆରୀ ମାସ ଶ୍ରୀପଞ୍ଚମୀ ତିଥିରେ ଜଗତସିଂହପୁର ଅଳକା ନଦୀ କୂଳରେ ପ୍ରତିଷ୍ଠା ହେଲା ଅଳକାଶ୍ରମ। ସେତେବେଳେ ଏହି ଅଳକାଶ୍ରମ ଥିଲା ସ୍ୱଦେଶୀ ଆନ୍ଦୋଳନର ଯଜ୍ଞପୀଠ ଓ ସ୍ୱାଧୀନତା ସଂଗ୍ରାମୀ ତିଆରି କାରଖାନା। ଏଇଠୁ ତାଙ୍କ ରାଜନୈତିକ ଓ କର୍ମମୟ ଜୀବନ ଆରମ୍ଭ କରିଥିଲେ ରମାଦେବୀ। ତାଙ୍କରି ପ୍ରରୋଚନାରେ ସ୍ୱାମୀ ଗୋପବନ୍ଧୁ ଚୌଧୁରୀ ଡ଼େପୁଟି କଲେକ୍ଟର ଚାକିରି ଛାଡ଼ି ଅଳକାଶ୍ରମର ତତ୍ତ୍ୱାବଧାରକ ରୂପେ ଯୋଗ ଦେଇଥିଲେ। ସରକାରୀ ସ୍କୁଲ ଛାଡ଼ି ପଳାଇ ଆସିଥିବା ଛାତ୍ରମାନଙ୍କୁ ସେଠାରେ ଶିକ୍ଷାଦାନ କରାଯାଉଥିଲା। ସ୍ୱାଧୀନତା ସଂଗ୍ରାମୀଙ୍କୁ ସୂତାକଟା ଓ ଲୁଗାବୁଣା ସଂପର୍କରେ ମଧ୍ୟ ତାଲିମ ଦିଆଯାଉଥିଲା। ଅନ୍ତେବାସୀଙ୍କ ଖାଇବା, ପିଇବା, ରହିବା, ଶୋଇବାର ଦାୟିତ୍ୱ ମୁଣ୍ଡେଇବାକୁ ପଡୁଥିଲା ରମାଦେବୀଙ୍କୁ। ସେଥିପାଇଁ ଅଳକାଶ୍ରମର ଅନ୍ତେବାସୀମାନେ ତାଙ୍କୁ ମା' ବୋଲି ସମ୍ବୋଧନ କରୁଥିଲେ।

୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ମହାତ୍ମା ଗାନ୍ଧୀ ଲବଣ ସତ୍ୟାଗ୍ରହର ଡ଼ାକାରା ଦେଲେ। ରମାଦେବୀ ଗାନ୍ଧିଜୀଙ୍କ ଡାକରା କଥା ଶୁଣି ସ୍ଥିର ହୋଇ ରହିପାରିଲେ ନାହିଁ। ସେତେବେଳେ ଓଡ଼ିଶାର ବାଲେଶ୍ୱର ସ୍ଥିତ ଇଞ୍ଚୁଡ଼ିଠାରେ ଲୁଣ ମରାହେବା ପାଇଁ ସ୍ଥିର ହୋଇଥାଏ। ପୋଲିସ୍‌ର ଦମନଲୀଳାକୁ ଭ୍ରୁକ୍ଷେପ ନ କରି ଗୋପବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହରଙ୍କ ନେତୃତ୍ୱରେ ସତ୍ୟାଗ୍ରାହୀମାନେ ଇଞ୍ଚୁଡ଼ି ଅଭିମୁଖେ ଯାତ୍ରା କଲେ। ରମାଦେବୀ ଏଥିରେ ସାମିଲ ହୋଇଥିଲେ। ତାଙ୍କ ସାହସ ଦେଖି ଶହ ଶହ ସଂଖ୍ୟାରେ ମହିଳା ତାଙ୍କୁ ସହଯୋଗ କଲେ। ଏହା ପରେ ସେ ଗଲେ କୁଜଙ୍ଗ। ସେଠାରେ କୁଜଙ୍ଗର ରାଣୀଙ୍କୁ ମଧ୍ୟ ଲୁଣମରା ଅଭିଯାନରେ ସାମିଲ କରାଇଥିଲେ।

**ସରଳା ଦେବୀ :** ୧୯୦୪ ଅଗଷ୍ଟ ୧୯ ତାରିଖ ଅବିଭକ୍ତ କଟକ ଜିଲ୍ଲା ଓ ବର୍ତ୍ତମାନ ଜଗତସିଂହପୁର ଜିଲ୍ଲାର ବାଲିକୁଦା ଅନ୍ତର୍ଗତ ନରିଲୋ ଗ୍ରାମରେ ପିତା ବାସୁଦେବ କାନୁନ୍‌ଗୋ ଓ ମାତା ପଦ୍ମାବତୀଙ୍କ କୋଳ ମଣ୍ଡନ କରିଥିଲେ ସରଳା ଦେବୀ। ପରେ ସେ ସାଜିଥିଲେ ଜଗତସିଂହପୁର ଚାତ୍ରା ଗ୍ରାମର ବିଶିଷ୍ଟ ଜମିଦାର ଭାଗିରଥୀ ମହାପାତ୍ରଙ୍କ ପତ୍ନୀ। ଭାଗିରଥୀ ମହାପାତ୍ର ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ଗଠିତ ପ୍ରଥମ ଉତ୍କଳ ପ୍ରାଦେଶିକ କମିଟିର ସାଧାରଣ ସଂପାଦକ ଥିଲେ।

ଭାରତୀୟ ଜାତୀୟ କଂଗ୍ରେସର ନାଗପୁର ଅଧିବେଶନର ସ୍ୱାମୀ ଭାଗିରଥୀଙ୍କ ସହ ଯୋଗ ଦେଇଥିଲେ ସରଳା ଦେବୀ। ଗାନ୍ଧିଜୀଙ୍କ ଓଡ଼ିଶା ଆଗମନ ସମୟରେ ସରଳା ବୁଲି ବୁଲି ଗାନ୍ଧି ବାର୍ତ୍ତା ପ୍ରଚାର କରିଥିଲେ। ତାଙ୍କ ଭିତରେ ନା' ଥିଲା ଶାନ୍ତି ନା' କ୍ଳାନ୍ତି, କେବଳ କ୍ରାନ୍ତି ସୃଜନର ମହାମନ୍ତ୍ରରେ ଦୀକ୍ଷିତା ହୋଇ ସରଳା ନାରୀମାନଙ୍କ ନେତୃତ୍ୱ ନେଇଥିଲେ। ସେଦିନ କାଠଯୋଡ଼ି ବାଲିର ସେହି ମହାସମାବେଶରେ ଗାନ୍ଧିଜୀଙ୍କ ହିନ୍ଦୀ ଭାଷଣକୁ ଓଡ଼ିଆରେ ଅବିକଳ ଅନୁବାଦ କରି ସେ ଉପସ୍ଥିତ ଜନତାଙ୍କୁ ହତଚକିତ କରି ଦେଇଥିଲେ।

୧୯୩୦ ମସିହାରେ ଅଳକାଶ୍ରମର କର୍ମୀମାନେ ଲବଣ ସତ୍ୟାଗ୍ରହରେ ଯୋଗ ଦେଇଥିଲେ। ରମାଦେବୀ ଓ ମାଳତୀ ଚୌଧୁରୀ ଇଞ୍ଚୁଡ଼ି ଠାରେ ଲବଣ ସତ୍ୟାଗ୍ରହରେ ଯୋଗ ଦେଇଥିବା ବେଳେ ସରଳା ଦେବୀ ଗଞ୍ଜାମର ହୁମାଠାରେ ଲବଣ ସତ୍ୟାଗ୍ରହ ଆଇନ ଭଙ୍ଗ କରି ଲୁଣ ମାରିବା ଅଭିଯୋଗରେ ଗିରଫ ହୋଇ ପ୍ରଥମେ ବ୍ରହ୍ମପୁର ଓ ପରେ ଭେଲୋର ଜେଲ୍‌କୁ ସ୍ଥାନାନ୍ତର ହୋଇଥିଲେ। ସରଳା ଦେବୀ ହେଉଛନ୍ତି ପ୍ରଥମ ମହିଳା ସତ୍ୟାଗ୍ରହୀ ଯେ ଆଇନ ଭଙ୍ଗ କରି ଜେଲ୍ ଦଣ୍ଡ ଭୋଗ କରିଥିଲେ। ଇଂରେଜ ଶାସକ ତାଙ୍କ ହାତରୁ ସୁନା ଚୁଡ଼ି କାଢ଼ି ନେଇ ତା' ବଦଳରେ ପିନ୍ଧାଇ ଦେଇଥିଲେ ଲୁହା ଚୁଡ଼ି। ଓଡ଼ିଆ ବୋହୂର ପାରଂପରିକ ପୋଷାକ ଶାଢ଼ୀ ବଦଳରେ ତାଙ୍କୁ ପିନ୍ଧିବାକୁ ପଡ଼ିଥିଲା କଏଦୀ ପୋଷାକ। ତାଙ୍କ ଗିରଫର ପ୍ରତିବାଦରେ ବ୍ରହ୍ମପୁରରେ ବିରାଟ ପ୍ରତିବାଦ ସଭା ହୋଇଥିଲା।

ସମାଜସେବା, ଅହିଂସା ସଂଗ୍ରାମ ଓ ରାଜନୈତିକ ଜୀବନର ଅନବସରତା ଭିତରେ ସରଳା ଯେପରି ସାରସ୍ୱତ ସୃଜନରେ ନିମଗ୍ନ ରହୁଥିଲେ ତାହା ଭାବିଲେ ବିସ୍ମିତ ହେବାକୁ ପଡ଼େ। ତାଙ୍କ ସାରସ୍ୱତ ସାଧନା ଥିଲା ସଂଗ୍ରାମର ଶାଣିତ। ଜୀବନର ପ୍ରତିଟି କ୍ଷେତ୍ରରେ ସେ ଯେଉଁ ସ୍ୱାକ୍ଷର ଛାଡ଼ି ଯାଇଛନ୍ତି, ତାହା ଅଦ୍ୟାବଧି ଅବିସ୍ମରଣୀୟ। ଧନ୍ୟା ସେ ଅଗ୍ନିକନ୍ୟା ଶତ ଧନ୍ୟ ତାଙ୍କର କୃତି ଓ କୀର୍ତ୍ତି।

**ମାଳତୀ ଦେବୀ (ଚୌଧୁରୀ) :** ମୁକ୍ତି ସଂଗ୍ରାମରେ ଜଗତସିଂହପୁର ନାରୀମାନଙ୍କ ମଧ୍ୟରୁ ଅବିସ୍ମରଣୀୟ ନାମ ହେଉଛି ମାଳତୀ ଚୌଧୁରୀ। ନିଜ ଜୀବନକୁ ତିଳ ତିଳ ଦଗ୍‌ଧ କରି ଦେଶ ପାଇଁ ଓ ସମଗ୍ର ନାରୀ ଜାତି ପାଇଁ ସେ ଯେଉଁ ଉଦାହରଣ ସୃଷ୍ଟି କରିଯାଇଛନ୍ତି, ତାହା ଚିର ଅମ୍ଳାନ। ମାଳତୀ ଦେବୀଙ୍କ ଜନ୍ମ ୧୯୦୪ ମସିହା ଜୁଲାଇ ୨୬ ତାରିଖରେ କଲିକତା ସହରରେ। ତାଙ୍କ ପିତା ଥିଲେ ସେତେବେଳର ପାଟନା ହାଇକୋର୍ଟର ସୁନାମଧନ୍ୟ ବାରିଷ୍ଟର କୁମୁଦନାଥ ସେନ୍। ୧୯୨୭ ମସିହାରେ ନବକୃଷ୍ଣ ଚୌଧୁରୀଙ୍କ ସହଧର୍ମିଣୀ ଭାବେ ଓଡ଼ିଶାକୁ ଆସିବା ପରେ ସେ ଓଡିଶାର ଜନଜୀବନକୁ ବିଶେଷ ଭାବେ ପ୍ରଭାବିତ କରିଯାଇଛନ୍ତି। ଅବଶ୍ୟ, ଏ ଦିଗରେ ସ୍ୱାମୀ ନବକୃଷ୍ଣ, ଦେଢ଼ଶୂର ଗୋପବନ୍ଧୁ ଓ ବଡ଼ ଯା' ରମାଦେବୀଙ୍କର ସହଯୋଗ ତାଙ୍କୁ ଆଗେଇବାକୁ ପ୍ରେରଣା ଦେଇଥିଲା।

ମାଳତୀ ଚୌଧୁରୀ କେବଳ ଦେଶର ସ୍ୱାଧୀନତା ନୁହେଁ, ଦେଶରେ ଏକ ଶ୍ରେଣୀହୀନ, ଶୋଷଣହୀନ, ସମାଜବାଦୀ ସମାଜ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଥିଲେ। ଏଣୁ ସେ ତରିକୁନ୍ଦ ଚାଷ ଘରେ ସ୍ୱାମୀ ନବକୃଷ୍ଣଙ୍କ ସହ ମିଶି ସ୍ଥାପନ କରିଥିଲେ ସାମ୍ୟବାଦୀ କର୍ମୀସଂଘ । ନବକୃଷ୍ଣ ଚୌଧୁରୀ ଏହି ସଂଘର ସଂପାଦକ ଥିଲା ବେଳେ ମାଳତୀ ଚୌଧୁରୀ ଥିଲେ କୋଷାଧ୍ୟକ୍ଷ। ୧୯୩୩ ମସିହାରେ ପ୍ରକାଶ ପାଇଲା ପ୍ରଥମ ସାମ୍ୟବାଦୀ ମୁଖପତ୍ର "ସାରଥୀ"। ସେଥିପାଇଁ ମାଳତୀ ଚୌଧୁରୀ ନିଜର ସମସ୍ତ ସୁନା ଗହଣା ସଂଘର ମୁଖପତ୍ର ପାଇଁ ଦାନ କରି ଦେଇଥିଲେ। ୧୯୩୦ ମସିହାରେ ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହ ଆନ୍ଦୋଳନ ଭାଗ ନେଇ ମାଳତୀ ଚୌଧୁରୀ ଜେଲ୍ ଗଲେ। ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦେଇ ମାଳତୀ ଚୌଧୁରୀଙ୍କୁ ପୁନର୍ବାର କାରାବଣ କରିବାକୁ ପଡ଼ିଥିଲା। ବିଦେଶୀ ଦ୍ରବ୍ୟ ବର୍ଜନ, ନିଶା ନିବାରଣ ଇତ୍ୟାଦି ଆନ୍ଦୋଳନକୁ ତୀବ୍ର କରାଇବା ସହିତ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଜଣେ ସ'ଳ ମହିଳା ସଂଗ୍ରାମୀ ହୋଇ ପାରିଥିଲେ ସେ। ୧୯୪୨ରେ ଜେଲ୍‌ରୁ ମୁକ୍ତି ପାଇବା ପରେ ଦୁସ୍ଥ, ଦରିଦ୍ର, ଆଦିବାସୀ ଓ ଅନାଥ ଶିଶୁଙ୍କ ସେବା କରିବା ପାଇଁ ମାଳତୀ ଚୌଧୁରୀ ଅନୁଗୁଳ ଠାରେ ଆରମ୍ଭ କରିଥିଲେ 'ବାଜି ରାଉତ ଛାତ୍ରାବାସ'। ବାଜି ରାଉତଙ୍କ ସ୍ମୃତିରେ ଆରମ୍ଭ ଏହି ଛାତ୍ରାବାସରେ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ମାଳତୀ ଦେବୀ। ଏପରିକି ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ବି ସେ ଏହି ଛାତ୍ରାବାସ ସହିତ ଓତଃପ୍ରୋତ ଭାବେ ଜଡ଼ିତ ଥିଲେ।। ୧୯୯୮ରେ ଏହି ତ୍ୟାଗପୂତ ମହିଳାଙ୍କ ଜୀବନ ଦୀପ ଲିଭି ଯାଇଥିଲା।

ଜଗତସିଂହପୁର ଏହି ତିନି ମହୀୟସୀ ମହିଳାଙ୍କ ଉପରେ ଗବେଷଣା କରାଯିବା ଆବଶ୍ୟକ। ସେମାନଙ୍କର ଜୀବନାଦର୍ଶ ଓ ତ୍ୟାଗପୂତ ଜୀବନର କଥା ଓ ଗାଥା ଉତ୍ତରପିଢ଼ି ପାଖରେ ପହଞ୍ଚିବା ଦରକାର। ସେଥିପାଇଁ ସବୁ ସ୍ତରରେ ଉଦ୍ୟମ କରାଯିବାର ଆବଶ୍ୟକତା ରହିଛି।

ସଭାପତି
ସାରସ୍ୱତ ପରିଷଦ,ଜଗତସିଂହପୁର
ମୋ-୯୩୩୭୨୨୧୯୨୪

# ଶିକ୍ଷା: ଭାରତୀୟ ମୁସଲିମ ସମ୍ପ୍ରଦାୟର ଉନ୍ନତିର ମୂଳ ଆଧାର

**ଅଲତାଫ୍ ମିର୍**

୧୮୭୫ ମସିହାରେ ଆଲିଗଡ଼ରେ ସାର୍ ସୟଦ ଅହମ୍ମଦ ଖାନଙ୍କ ଦ୍ୱାରା ମହମ୍ମଦାନ୍ ଆଙ୍ଗ୍ଲୋ-ଓରିଏଣ୍ଟାଲ୍ କଲେଜ୍ ପ୍ରତିଷ୍ଠା ହେବାର ଦେଢ଼ ଶତାବ୍ଦୀରୁ ଅଧିକ ସମୟ ବିତିଯାଇଥିଲେ ମଧ ତାଙ୍କର ମୂଳ ବାର୍ତ୍ତା ଆଜି ମଧ ଭାରତର ମୁସଲିମ୍ ସମ୍ପ୍ରଦାୟ ମଧ୍ୟରେ ସମାନ ଭାବରେ ପ୍ରାସଙ୍ଗିକ ରହିଛି ଓ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଛି। ଏକ ଗୌରବମୟ ଅତୀତ ଓ ଆଶାଭରା ଭବିଷ୍ୟତ ମଧ୍ୟରେ ସଂଯୋଗ ସ୍ଥାପନା କରିବାରେ ଶିକ୍ଷା ସଦା ସର୍ବାଧିକ ପ୍ରଭାବଶାଳୀ ଓ ବିଶ୍ୱସନୀୟ ସେତୁ ଭାବେ କାର୍ଯ୍ୟ କରିଆସିଛି। ଆଜି ଯେତେବେଳେ ଏହି ସମ୍ପ୍ରଦାୟ ଦୃତ ଗତିରେ ପରିବର୍ତ୍ତନଶୀଳ ଭାରତର ନୂତନ ଆବଶ୍ୟକତା ଓ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେଉଛି ସେତେବେଳେ ଗୁଣାତ୍ମକ ଶିକ୍ଷା, ଆଧୁନିକ ଦକ୍ଷତା ଏବଂ ସାମ୍ବିଧାନିକ ସଚେତନତାର ଉପଲବ୍ଧତା ସମ୍ପ୍ରଦାୟର ସଶକ୍ତିକରଣ, ଆର୍ଥିକ ଉନ୍ନତି ଏବଂ ଦେଶର ବହୁତ୍ୱବାଦୀ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସକ୍ରିୟ ଓ ଅର୍ଥପୂର୍ଣ୍ଣ ଅଂଶଗ୍ରହଣର ମୂଳ ଆଧାର ପାଲଟିଛି।

ସାମ୍ପ୍ରତିକ ସରକାରୀ ତଥ୍ୟ ପ୍ରଗତି ଏବଂ ସ୍ଥାୟୀ ବ୍ୟବଧାନ ଉଭୟକୁ ପ୍ରତିଫଳିତ କରେ। ପିରିଓଡ଼ିକ ଲେବରଫୋର୍ସ ସର୍ଭେ (୨୦୨୩-୨୪) ଅନୁଯାୟୀ ମୁସଲମାନଙ୍କ ମଧ୍ୟରେ (୭ ବର୍ଷ ଓ ତଦୁର୍ଦ୍ଧ୍ୱ ବୟସ) ସାକ୍ଷରତା ହାର ୭୯.୫ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ଜାତୀୟ ହାର ୮୦.୯ ପ୍ରତିଶତର ନିକଟତର। ତଥାପି ଜାତୀୟ ନମୁନା ସର୍ଭେ (୭୫ତମ ପର୍ଯ୍ୟାୟ) ଦର୍ଶାଉଛି ଯେ ସ୍କୁଲ ଶିକ୍ଷାର ପ୍ରତ୍ୟେକ ସ୍ତରରେ ଧାର୍ମିକ ଗୋଷ୍ଠୀ ମଧ୍ୟରେ ମୁସଲମାନ ଛାତ୍ରଙ୍କ ପାଇଁ ମୋଟ ଉପସ୍ଥାନ ଅନୁପାତ ସବୁଠାରୁ କମ୍ ରହିଛି। ଡ୍ରପ୍ ଆଉଟ୍ ଏକ ଚିନ୍ତାର ବିଷୟ ହୋଇରହିଛି, ବିଶେଷକରି ପ୍ରାଥମିକ ଶିକ୍ଷା ବ୍ୟତୀତ। ମଦ୍ରାସାଗୁଡ଼ିକ ଦୀର୍ଘ ସମୟ ଧରି ଅନୁନ୍ନତ ମୁସଲିମ୍ ଅଞ୍ଚଳର ପିଲାମାନଙ୍କ ପାଇଁ ଶିକ୍ଷା ଜୀବନରେଖା ଭାବରେ କାର୍ଯ୍ୟ କରିଆସୁଛନ୍ତି ଏବଂ ଧାର୍ମିକ ମୂଲ୍ୟବୋଧ ଉପରେ ମୂଳ ସୁଲଭ ଶିକ୍ଷା ପ୍ରଦାନ କରୁଛନ୍ତି। ଯଦିଓ ସେମାନଙ୍କର ପହଞ୍ଚ ପ୍ରଭାବଶାଳୀ, ପାରମ୍ପରିକ ପାଠ୍ୟକ୍ରମ ପ୍ରାୟତଃ ବିଜ୍ଞାନ, ଗଣିତ, ଇଂରାଜୀ ଏବଂ ଆଜିର ପ୍ରତିଯୋଗିତାମୂଳକ ଦୃଶ୍ୟପଟ ପାଇଁ ଅତ୍ୟାବଶ୍ୟକ ଡିଜିଟାଲ୍ ଦକ୍ଷତା ଖର୍ଚ୍ଚ କରି ଧାର୍ମିକ ଅଧ୍ୟୟନ ଉପରେ ଗୁରୁତ୍ୱ ଦେଇଆସିଛି।

ଏ ସମ୍ବନ୍ଧରେ ନିକଟ ଅତୀତରେ କିଛି ଉତ୍ସାହଜନକ ପରିବର୍ତ୍ତନ ଦୃଶ୍ୟମାନ ହୋଇଛି। ଅକ୍ଟୋବର ୨୦୨୩ରେ ଉତ୍ତର ପ୍ରଦେଶ ସରକାର ଘୋଷଣା କରିଥିଲେ ଯେ ଜାନୁଆରୀ ୨୦୨୪ରୁ ମଦ୍ରାସା ପାଠ୍ୟକ୍ରମରେ ଡିଜିଟାଲ୍ ସାକ୍ଷରତା, କୋଡ଼ିଂ ଏବଂ କୃତ୍ରିମ ବୁଦ୍ଧିମତା ସମ୍ବନ୍ଧୀୟ ମଡ୍ୟୁଲ୍ ସାମିଲ କାରାଯିବ। ଏହା ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ କମ୍ପ୍ୟୁଟର ଓ ଅଧ୍ୟୟନ କିଟ୍ ମଧ୍ୟ ବଣ୍ଟନ କରାଯିବ। ଅନ୍ୟପକ୍ଷରେ କେରଳମରେ ମଦ୍ରାସା ପୃଷ୍ଠଭୂମିରୁ ଆସିଥିବା ଅନେକ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ କୋଡ଼ିଂପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସେହିପରି ମୁସଲିମ୍ ଝିଅମାନଙ୍କ ପାଇଁ ଦ୍ୱିଭାଷୀ କୋଡ଼ିଂ କ୍ଲବ ଭଳି ସମ୍ପ୍ରଦାୟ ଚାଳିତ ପଦକ୍ଷେପଗୁଡ଼ିକ ମଧ ଶିକ୍ଷା ଓ ପ୍ରଯୁକ୍ତିଗତ ଦକ୍ଷତା ବିକାଶ କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ସୃଷ୍ଟି କରୁଛି। ଏହାଛଡ଼ା ଜମିଆତ ଉଲେମା-ଏ-ହିନ୍ଦ୍ ସମେତ ଅନେକ ପ୍ରମୁଖ ମୁସଲିମ ସଂଗଠନ ଧାର୍ମିକ ଶିକ୍ଷା ସହିତ ଆଧୁନିକ ବିଷୟଗୁଡ଼ିକର ସମନ୍ୱୟ ପାଇଁ ସକ୍ରୀୟ ଭାବେ ସମର୍ଥନ ଓ ପ୍ରଚେଷ୍ଟା ଜାରି ରଖୁଛନ୍ତି। ଏପରି ଆଭ୍ୟନ୍ତରୀଣ ପଦକ୍ଷେପଗୁଡ଼ିକର ବିଶେଷ ମହତ୍ୱ ରହିଛି, କାରଣ ସମ୍ପ୍ରଦାୟର ପରିଚୟ ଓ ସାଂସ୍କୃତିକ ଐତିହ୍ୟ ସହ ଗଭୀର ଭାବେ ସଂଯୁକ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ଦୀର୍ଘସ୍ଥାୟୀ ଓ ଗ୍ରହଣଯୋଗ୍ୟ ସଂସ୍କାର ବାହ୍ୟ ଚାପରେ ନୁହେଁ, ବରଂ ସମ୍ପ୍ରଦାୟ ଭିତରୁ ଉତ୍ପନ୍ନ ହୋଇ କାର୍ଯ୍ୟକାରୀ ହେଲେ ଅଧିକ ସଫଳ ହୋଇଥାଏ।

ସରକାରୀ ନୀତି ଓ କାର୍ଯ୍ୟକ୍ରମଗୁଡ଼ିକ ମଧ ଏହି ପରିବର୍ତ୍ତନକୁ ସମର୍ଥନ କରୁଛି। ଶିକ୍ଷା ମନ୍ତ୍ରଣାଳୟର ଝଚଛରଗ ଯୋଜନା ମାଦ୍ରାସାଗୁଡ଼ିକରେ ବିଜ୍ଞାନ, ଗଣିତ, ଇଂରାଜୀ ପରି ଆଧୁନିକ ବିଷୟର ଶିକ୍ଷା, ଶିକ୍ଷକ ତାଲିମ ଓ ଭିତ୍ତିଭୂମି ଉନ୍ନତିକୁ ପ୍ରୋତ୍ସାହନ ଦେଇଛି। ସେହିପରି IDMI ଯୋଜନା ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନର ମୌଳିକ ସୁବିଧା ବିକାଶରେ ସହାୟତା କରୁଛି। ଏହା ସହିତ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟର ଛାତ୍ରବୃତ୍ତି ଯୋଜନାଗୁଡ଼ିକ ମୁସଲିମ୍ ଛାତ୍ରଛାତ୍ରୀ ମାନଙ୍କୁ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇ ସମାନ ସୁଯୋଗ ଓ ଦୀର୍ଘମିଆଦୀ ସଶକ୍ତିକରଣକୁ ବୃଦ୍ଧି କରୁଛନ୍ତି। ଏହି ଯୋଜନାଗୁଡ଼ିକ ଅଧୀନରେ ୯ମ ଓ ୧୦ମ ଶ୍ରେଣୀ ପାଇଁ ପ୍ରାକ୍-ମାଟ୍ରିକ, ଏକାଦଶ ଶ୍ରେଣୀରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ପୋଷ୍ଟ-ମାଟ୍ରିକ ଏବଂ ବୃତ୍ତିଗତ ଓ ବୈଷୟିକ ପାଠ୍ୟକ୍ରମ ପାଇଁ ମେରିଟ-କମ୍-ମିନ୍ସ ଛାତ୍ରବୃତ୍ତି ପ୍ରଦାନ କରାଯାଏ। ଏହି ସୁବିଧାଗୁଡ଼ିକର ବ୍ୟାପକ ପହଞ୍ଚ ସୁନିଶ୍ଚିତ କରିବାରେ ସମ୍ପ୍ରଦାୟ ନେତା ଓ ସ୍ଥାନୀୟ ସଂଗଠନଗୁଡ଼ିକ ସଚେତନତା ସୃଷ୍ଟି ଏବଂ ଆବେଦନ ପ୍ରକ୍ରିୟାରେ ସହାୟତା କରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବେ।

ଶିକ୍ଷାର ଲକ୍ଷ୍ୟ ହେଉଛି ସାକ୍ଷରତା ଓ ଦକ୍ଷତା ବିକାଶ ସହିତ ସଚେତନ ଓ ଦାୟିତ୍ୱବାନ ନାଗରିକ ଗଢ଼ି ତୋଳିବା। ଏହି କ୍ଷେତ୍ରରେ ଶିକ୍ଷକମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଧାର୍ମିକ ଶିକ୍ଷା ସହିତ ଭାରତୀୟ ସମ୍ବିଧାନର ମୂଲ୍ୟବୋଧ- ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ ସମ୍ପର୍କରେ ଜ୍ଞାନ ପ୍ରଦାନ କରି ସେମାନେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନାଗରିକ ସଚେତନତା ବିକଶିତ କରିପାରିବେ। ସେହିପରି ଡିଜିଟାଲ୍ ଯୁଗରେ ଭୁଲ୍ ସୁଚନାର ମୁକାବିଲା ପାଇଁ ସମାଲୋଚନାମୂଳକ ଚିନ୍ତାଧାରା ଓ ଗଣମାଧ୍ୟମ ସାକ୍ଷରତା ଅତ୍ୟାବଶ୍ୟକ। ଧାର୍ମିକ ଶିକ୍ଷା, ଆଧୁନିକ ଜ୍ଞାନ ଓ ସାମ୍ବିଧାନିକ ମୂଲ୍ୟବୋଧର ସମନ୍ୱୟ କରୁଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ଆତ୍ମବିଶ୍ୱାସୀ, ଦକ୍ଷ ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ପ୍ରତିବଦ୍ଧ ନାଗରିକ ସୃଷ୍ଟି କରିବାରେ ସହାୟକ ହୁଅନ୍ତି।

ଭାରତର ମୁସଲିମ ସମ୍ପ୍ରଦାୟର ଶିକ୍ଷାଗତ ଉନ୍ନତି ଏକ ସାମୂହିକ ଦାୟିତ୍ୱ। ପିତାମାତାଙ୍କୁ ପୁଅ ଓ ଝିଅ ଉଭୟଙ୍କ ଶିକ୍ଷା ଏବଂ ଦକ୍ଷତା ବିକାଶକୁ ସମାନ ଗୁରୁତ୍ୱ ଦେବାକୁ ହେବ। ମଦ୍ରାସା ପ୍ରଶାସନ, ଉଲେମା, ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ସମ୍ପ୍ରଦାୟ ସଂଗଠନମାନଙ୍କୁ ମଧ୍ୟ ଆଧୁନିକ ଶିକ୍ଷା, ସଚେତନତା ଓ ଉପଲବ୍ଧ ସୁଯୋଗଗୁଡ଼ିକର ସର୍ବୋତ୍ତମ ବ୍ୟବହାର ଦିଗରେ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ହେବ।

ସାର୍ ସୟଦ ଅହମ୍ମଦ ଖାନଙ୍କ ଦୃଷ୍ଟିଭଙ୍ଗୀ ଆଜି ମଧ ସମାନ ଭାବେ ପ୍ରାସଙ୍ଗିକ। ଶିକ୍ଷାରେ ବିନିଯୋଗ କେବଳ ବ୍ୟକ୍ତି କିମ୍ବା ସମ୍ପ୍ରଦାୟର ଉନ୍ନତି ନୁହେଁ, ବରଂ ଏକ ଶକ୍ତିଶାଳୀ, ଅନ୍ତର୍ଭୁକ୍ତିମୂଳକ ଏବଂ ପ୍ରଗତିଶୀଳ ଭାରତ ଗଠନର ଭିତ୍ତି। ନ୍ୟାୟ, ସ୍ୱାଧୀନତା ଓ ସମାନତାର ସାମ୍ବିଧାନିକ ଆଦର୍ଶକୁ ବାସ୍ତବ ରୂପ ଦେବାରେ ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ମାଧ୍ୟମ ଯାହା ମୁସଲମାନମାନଙ୍କୁ ଦେଶର ଗର୍ବିତ ଓ ସକ୍ରିୟ ନାଗରିକ ଭାବେ ସଶକ୍ତ କରିଥାଏ।

ପିଏଚ୍.ଡି
ଜାମିଆ ମିଲିଆ ଇସଲାମିଆ

# ଜାତୀୟ ମହାକାଶ ଦିବସ ପାଳିତ, ରାଜ୍ୟରେ ଉପଗ୍ରହ ଉତ୍କ୍ଷେପଣ କେନ୍ଦ୍ର ପ୍ରତିଷ୍ଠା ପ୍ରସ୍ତାବ:ଶ୍ରୀ ପାତ୍ର



ଭୁବନେଶ୍ୱର,୨୫/୮ :ରାଜ୍ୟରେ ବୈଜ୍ଞାନିକ ଗବେଷଣା ଓ ଏ ସଂକ୍ରାନ୍ତୀୟ ବିଭିନ୍ନ ପ୍ରକଳ୍ପ ଉପରେ ରାଜ୍ୟ ସରକାର ଯଥେଷ୍ଟ ଧ୍ୟାନ ଦେବା ସହ ଯୁବ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଜ୍ଞାନଭିତ୍ତିକ ଅନିସନ୍ଧିତ୍ସୁ ଜାଗ୍ରତ କରିବା ଉପରେ କାର୍ଯ୍ୟ କରୁଛନ୍ତି । ରାଜ୍ୟରୁ ଉତ୍ପାଦିତ ବିଭିନ୍ନ ସାମଗ୍ରୀ ଦେଶର ହିତରେ ଯେଭଳି ଲାଗିବ, ସେଥି ପ୍ରତି ସରକାର ଯତ୍ନବାନ ଅଛନ୍ତି ବୋଲି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି ।

ଓଡିଶା ମହାକାଶ ଉପଯୋଗ କେନ୍ଦ୍ରରେ ଆୟୋଜିତ ଜାତୀୟ ମହାକାଶ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ ଓର୍‌ସାକ୍ ଦ୍ୱାରା ରାଜ୍ୟରେ ଚାଷଜମିଠାରୁ ଆରମ୍ଭ କରି ଭୂତଳ ଜଳ ଓ ଖଣିଜ ସମ୍ପଦର ଭଣ୍ଡାର ଓ ଏହାର ପରିମାଣ ସମ୍ପର୍କରେ ବିଭିନ୍ନ ତଥ୍ୟ ହାସଲ କରାଯାଇ ପାରୁଛି । ଆବଶ୍ୟକ ସ୍ଥଳେ ଅନେକ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ରାଜସ୍ୱ ସଞ୍ଚୟ କରାଯାଇ ପାରୁଛି । ଖାଲି ସେତିକି ନୁହେଁ, ରାଜ୍ୟର ଷ୍ଟାର୍ଟଅପ୍‌ରୁ ଉତ୍ପାଦିତ ଡ୍ରୋନ୍ ଭଳି ବିଭିନ୍ନ ଉପକରଣ ଦେଶର ପ୍ରତିରକ୍ଷା ବ୍ୟବସ୍ଥାରେ ବ୍ୟବହାର ହେଉଥିବା ଅତ୍ୟନ୍ତ ଆନନ୍ଦର ବିଷୟ । ରାଜ୍ୟର ବୈଜ୍ଞାନିକମାନେ ଭବିଷ୍ୟତରେ ଏ କ୍ଷେତ୍ରରେ କାର୍ଯ୍ୟ କରି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଦେବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ରାଜ୍ୟରେ ଏକ ବିଜ୍ଞାନ ଭବନ ଓ ଓରସାକର ନୂତନ କୋଠା ନିର୍ମାଣ ସହ ଜିଆଇଏସ ଲ୍ୟାବ ପ୍ରତିଷ୍ଠା ହେବା ନେଇ ଶ୍ରୀ ପାତ୍ର କହିଥିଲେ । ରାଜ୍ୟରେ ଉପଗ୍ରହ ଉତ୍କ୍ଷେପଣ କେନ୍ଦ୍ର ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ସହ ପ୍ରାରମ୍ଭିକ ଆଲୋଚନା ହୋଇଥିବା ନେଇ ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି । ନିକଟରେ ଦିଲ୍ଲୀ ଗସ୍ତ ସମୟରେ କେନ୍ଦ୍ର ମନ୍ତ୍ରଙ୍କ ସହ ଏନେଇ ଆଲୋଚନା ହୋଇଥିବା ସେ କହିଛନ୍ତି ।

ଏହି ଅବସରରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମ୍ ଯୋଗଦେଇ କହିଲେ ଯେ ବିଜ୍ଞାନ କ୍ଷେତ୍ରରେ ଓଡିଶା ଅନେକ ଅଗ୍ରଗତି ହାସଲ କରିଛି । କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ, ଗଞ୍ଜାମ, ବଲାଙ୍ଗିର ଓ ରାଉରକେଲାରେ ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ୍ ପ୍ରତିଷ୍ଠା କରାଯାଇଛି । ଛାତ୍ରଛାତ୍ରୀମାନେ ଏସବୁ କେନ୍ଦ୍ର ବୁଲି ମହାକାଶ ଓ ଗ୍ରହନକ୍ଷତ୍ର ସଂପର୍କରେ ଅଧିକ ଜାଣିବାକୁ ଆବଶ୍ୟକତା ରହିଛି । ଛାତ୍ରଛାତ୍ରୀମାନେ ପ୍ରତ୍ୟେକ ବିଷୟବସ୍ତୁ ଉପରେ ଜିଜ୍ଞାସା ରଖିବା ଉଚିତ ବୋଲି ସେ କହିଥିଲେ ।

ମୁଖ୍ୟବକ୍ତା ଭାବେ ଯୋଗଦେଇ ସିଏସ୍‌ଆଇଆର୍‌ର ପ୍ରଫେସର ଶିଶିର ପଣ୍ଡା ନିଜର ଲକ୍ଷ୍ୟ ହାସଲ ପାଇଁ ଚେଷ୍ଟିତ ରହିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ନିଜର ଅଭିଜ୍ଞତା ସମ୍ପର୍କରେ ମଧ୍ୟ ଛାତ୍ରଛାତ୍ରୀମାନଙ୍କ ସହ ଭାବବିନିମୟ କରିଥିଲେ ।

ସେହିଭଳି ଓର୍‌ସାକ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀମତୀ ରଶ୍ମିତା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରି ଓଡିଶା ମହାକାଶ ଉପଯୋଗ କେନ୍ଦ୍ରର କାର୍ଯ୍ୟକାରିତା ଉପରେ ବକ୍ତବ୍ୟ ରଖିଥିଲେ । ଭୂତଳ ଜଳ ସୁରକ୍ଷା ସଂପର୍କିତ ଆଟ୍‌ଲାସ୍, ନିରନ୍ତର ବିକାଶ ଲକ୍ଷ୍ୟ ଓ ଓର୍‌ସାକ୍ ଶିକ୍ଷାନବିଶ ପୋର୍ଟାଲ ଏବଂ ଓରସାକ ପ୍ରକଳ୍ପ ପୁସ୍ତିକା ଉନ୍‌ମୋଚିତ ହୋଇଥିଲା । ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଏକ ପ୍ରଦର୍ଶନୀ ମଧ୍ୟ ଆୟୋଜନ କରାଯିବା ସହ ବିଭିନ୍ନ ଷ୍ଟାର୍ଟଅପ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ବରିଷ୍ଠ ଅଧିକାରୀ, ବୈଜ୍ଞାନିକ, ଶିକ୍ଷାବିତ୍ ଓ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବର୍ଷା ଓ ବନ୍ୟା ପରିସ୍ଥିତି ନେଇ ରାଜ୍ୟ ସରକାର ସଜାଗ

# ସମସ୍ତ ପରିସ୍ଥିତି ଉପରେ ୨୪ ଘଣ୍ଟା ପ୍ରଶାସନର ନଜର

ଭୁବନେଶ୍ୱର,୨୫/୮: ରାଜ୍ୟରେ ଲଘୁଚାପଜନିତ ବର୍ଷା ଓ ବନ୍ୟା ପରିସ୍ଥିତି ଉପରେ ରାଜ୍ୟ ସରକାର ନିରନ୍ତର ନଜର ରଖିଛନ୍ତି। ଆଜି ୨୪ ଅଗଷ୍ଟ ୨୦୨୬ ସକାଳ ୧୧ଟା ସୁଦ୍ଧା ପ୍ରାପ୍ତ ସ୍ଥିତି ଅନୁଯାୟୀ, ସମଗ୍ର ପରିସ୍ଥିତିକୁ ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର (SEOC) ପକ୍ଷରୁ ୨୪ ଘଣ୍ଟା ନିରୀକ୍ଷଣ କରାଯାଉଛି। ସମ୍ପ୍ରତି ସ୍ଥିତି ନିୟନ୍ତ୍ରଣାଧୀନ ରହିଛି।

ଭାରତୀୟ ପାଣିପାଗ ବିଭାଗ (ଓଗଡ) ଅନୁଯାୟୀ, ଉତ୍ତର ଉପକୂଳ ଓଡ଼ିଶା ଏବଂ ସଂଲଗ୍ନ ଅଞ୍ଚଳ ଉପରେ ସ୍ପଷ୍ଟ ଲଘୁଚାପ କ୍ଷେତ୍ର ବର୍ତ୍ତମାନ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଉତ୍ତର ଓଡ଼ିଶା ସଂଲଗ୍ନ ଅଞ୍ଚଳ ଉପରେ ଅବସ୍ଥିତ ରହିଛି। ଏହା ଆଗାମୀ ୨୪ ଘଣ୍ଟାରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି।

ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଏହାସହ ଏହି ଜିଲ୍ଲାଗୁଡ଼ିକରେ ବଜ୍ରପାତ ସହ ଘଡ଼ଘଡ଼ି ଓ ଘଣ୍ଟା ପ୍ରତି ୪୦-୫୦ କି.ମି. ବେଗରେ ଝଟକା ପବନ ବହିବାର ସମ୍ଭାବନା ରହିଛି।

ଏଥିସହ ବାଲେଶ୍ୱର, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି।ଗତ ୨୪ ଘଣ୍ଟାରେ ରାଜ୍ୟର ହାରାହାରି ବର୍ଷା ପରିମାଣ ୩୨.୯ ମି.ମି. ରେକର୍ଡ ହୋଇଛି। କେନ୍ଦୁଝର ଜିଲ୍ଲାର ଯୋଡ଼ା ବ୍ଲକରେ ସର୍ବାଧିକ ୧୬୯.୪ ମି.ମି. ବର୍ଷା ରେକର୍ଡ ହୋଇଛି। ୮ଟି ବ୍ଲକ୍ ଏବଂ ଗୋଟିଏ ପୌରାଞ୍ଚଳରେ ୧୦୦ ମି.ମି.ରୁ ଅଧିକ ବର୍ଷା ହୋଇଥିବା ବେଳେ ୭୩ଟି ବ୍ଲକ ଓ ୪ଟି ପୌରାଞ୍ଚଳର ୬ଟି ଷ୍ଟେସନରେ ୫୦ରୁ ୧୦୦ ମି.ମି. ମଧ୍ୟରେ ବର୍ଷା ହୋଇଛି।

ଅଗଷ୍ଟ ୧ରୁ ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସଞ୍ଚିତ ବର୍ଷା ପରିମାଣ ୩୨୭.୦ ମି.ମି. ରହିଛି, ଯାହା ସ୍ୱାଭାବିକ ହାର ୨୭୫.୬ ମି.ମି. ତୁଳନାରେ ୧୮.୬ ପ୍ରତିଶତ ଅଧିକ। ସେହିପରି ଜୁନ୍ ୧ରୁ ଅଗଷ୍ଟ ୨୪ ପର୍ଯ୍ୟନ୍ତ ସଞ୍ଚିତ ବର୍ଷା ୧୦୮୩.୨ ମି.ମି. ରହିଛି, ଯାହା ସ୍ୱାଭାବିକ ହାରଠାରୁ ୩୨.୧ ପ୍ରତିଶତ ଅଧିକ।

ଆଖୁଆପଦାଠାରେ ବୈତରଣୀ ଏବଂ ମଥାନି ଠାରେ ଜଳକା ନଦୀର ଜଳପତନ ସ୍ତର ଆଜି ସକାଳ ୯ଟା ସୁଦ୍ଧା ସତର୍କ ସ୍ତରଠୁଁ ସାମାନ୍ୟ ଅଧିକ ରହିଛି ।

ବର୍ତ୍ତମାନ ବାଲେଶ୍ୱର ଜିଲ୍ଲାର ୨ଟି ବ୍ଲକ(ଭୋଗରାଇ ଓ ବାଲିଆପାଳ), ଭଦ୍ରକର ୩ଟି(ତିହିଡ଼ି, ଚାନ୍ଦବାଲି, ), ଯାଜପୁରର ୫ଟି(ଦଶରଥପୁର, ବରୀ, ରସୁଲପୁର, ବିଞ୍ଝାରପୁର, ଯାଜପୁର), କେନ୍ଦ୍ରାପଡ଼ାର ୫ଟି(ଆଳି, ରାଜନଗର, ରାଜକନିକା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା), କଳାହାଣ୍ଡିର ୫ଟି (ଥୁଆମୂଳ ରାମପୁର, ଜୟପାଟଣା, କଳମପୁର, କୋକସରା, ଜୁନାଗଡ଼) ଏବଂ କୋରାପୁଟର ଗୋଟିଏ ବ୍ଲକ୍ (କୋଟପାଡ଼) ପ୍ରଭାବିତ ହୋଇଛି। ବିଭିନ୍ନ ଜିଲ୍ଲାରେ ରିଲିଫ୍ କ୍ୟାମ୍ପ ମାଧ୍ୟମରେ ପ୍ରଭାବିତ ଲୋକଙ୍କୁ ସହାୟତା ଯୋଗାଇ ଦିଆଯାଉଛି। ବନ୍ୟା ଓ ଜଳବନ୍ଦୀ ଅଞ୍ଚଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ପାଇଁ ଡଓଜଇର, ଘଡଜର ଏବଂ ଋସକ୍ବର ଗ୍ପଗ୍ପଗ୍ପମୋଟ ୬୭ଟି ଟିମ୍ ମୁତୟନ ହୋଇଛନ୍ତି। ଏଥିରେ ୧୫ଟି ଡଓଜଇର, ୮ଟି ଘଡଜର ଏବଂ ୪୪ଟି ଋସକ୍ବର ଛ ଋଙ୍କରକ୍ବ- ଶରଭମଛ ଝରକ୍ବଙ୍ଗସମରଶ୍ବ ଟିମ୍ ରହିଛି।ରିଲିଫ୍ କ୍ୟାମ୍ପ ପରିଚାଳନା ଓ ଅନ୍ୟାନ୍ୟ ଜରୁରୀ ପ୍ରତିକ୍ରିୟାମୂଳକ କାର୍ଯ୍ୟ ପାଇଁ ଝଉଜରରୁ ପର୍ଯ୍ୟାୟକ୍ରମେ ମୋଟ ୧୭୦.୩୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହାସହ ପ୍ରଭାବିତ ଜିଲ୍ଲାଗୁଡ଼ିକୁ ମୋଟ ୧୫୬୨.୮୧ ମେଟ୍ରିକ୍ ଜିଲ୍ଲା ପ୍ରଶାସନଗୁଡ଼ିକୁ ସ୍ଥାନୀୟ ଜଳବନ୍ଦୀ, ତଳିଆ ଅଞ୍ଚଳରେ ପାଣି ଜମିବା, ସହରାଞ୍ଚଳରେ ଅଣ୍ଡରପାସ୍ ବନ୍ଦ ହେବା, କଚ୍ଚା ରାସ୍ତା ଓ ଦୁର୍ବଳ ଢାଞ୍ଚାର କ୍ଷତି, ଭୂସ୍ଖଳନ ଏବଂ ବଗିଚା ଓ ଠିଆ ଫସଲର କ୍ଷତି ଭଳି ସମ୍ଭାବ୍ୟ ପରିସ୍ଥିତି ଉପରେ ସତର୍କ ନଜର ରଖିବାକୁ ପରାମର୍ଶ ଦିଆଯାଇଛି। ବଜ୍ରପାତ ସମୟରେ ଲୋକମାନେ ସୁରକ୍ଷିତ ଆଶ୍ରୟ ନେବା ସହ ପାଣିପାଗ ସୂଚନା ଉପରେ ନଜର ରଖିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

ଓଡ଼ିଶା ଉପକୂଳ ଓ ଏହାର ନିକଟ ସମୁଦ୍ରରେ ୨୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନଯିବା ପାଇଁ ସତର୍କ କରାଯାଇଛି।

ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର ସମସ୍ତ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର (ଉରଙଉ) ସହ ସମନ୍ୱୟ ରଖି ପରିସ୍ଥିତି ଉପରେ ୨୪ ଘଣ୍ଟା ନଜର ରଖିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସମ୍ଭାବ୍ୟ ଯେକୌଣସି ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହି ଜନସାଧାରଣଙ୍କ ଧନଜୀବନର ସୁରକ୍ଷାକୁ ସୁନିଶ୍ଚିତ କରାଯାଉଛି ।

# ଯାଜପୁରରେ ବନ୍ୟା ପରିସ୍ଥିତିକୁ ନେଇ ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ




ଯାଜପୁର,୨୫/୮: ଯାଜପୁର ଜିଲ୍ଲାରେ ବନ୍ୟା ପରିସ୍ଥିତି ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ନେଇ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ବରିଷ୍ଠ ଅଧିକାରୀ, ବିଡ଼ିଓ, ତହସିଲଦାର ଙ୍କ ସହ ଆଭାସୀ ବୈଠକରେ ସମୀକ୍ଷା କରିଥିଲେ। ବୈତରଣୀ ଓ କାଣୀ, ବ୍ରାହ୍ମଣୀ ନଦୀର ଘାଇ ଯୋଗୁ ଜିଲ୍ଲାର ୧୦ଟି ବ୍ଲକ, ୧୨୩ଟି ଗ୍ରାମ ପଞ୍ଚାୟତ ଓ ୪୦୫ଟି ଗାଁ ଜଳମଗ୍ନ ହୋଇଛି। ଏହାଦ୍ୱାରା ପ୍ରାୟ ୪,୩୪,୬୩୨ ଜଣ ଜନସାଧାରଣ ପ୍ରଭାବିତ ହୋଇଥିବା ବେଳେ ୯୯,୭୫୭ ଜଣ ଲୋକ ବନ୍ୟା ପାଣି ଘେରରେ ରହିଛନ୍ତି। ବିଶେଷ କରି ଦଶରଥପୁର ବ୍ଲକର ତରପଦା ପଞ୍ଚାୟତର ପାଟଣା ଗ୍ରାମ ନିକଟରେ କାଣୀ ନଦୀର ଦକ୍ଷିଣ ଘାଇ ଏବଂ ବିଞ୍ଝାରପୁର ବ୍ଲକର ଜରୀ ପଞ୍ଚାୟତର ନଉବାଙ୍କ ଗ୍ରାମ ନିକଟରେ ବୈତରଣୀ ନଦୀର ଘାଇ ଦେଇ ବନ୍ୟା ଜଳ ପ୍ରବାହିତ ହେଉଛି।

ବନ୍ୟା ପରିସ୍ଥିତିର ମୁକାବିଲା, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଦ୍ରୁତଗାମୀ କରିବା ପାଇଁ ସମସ୍ତ ଗ୍ରାମପଞ୍ଚାୟତ ନୋଡାଲ ଅଧିକାରୀ ଙ୍କୁ ନେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକଙ୍କ ଅଧ୍ୟକ୍ଷତାରେ ଦଶରଥପୁର ବ୍ଲକ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଣ,ରିଲିଫ୍ ସାମଗ୍ରୀ, ବିଶୁଦ୍ଧ ପାନୀୟ ଜଳ ଓ ସ୍ୱାସ୍ଥ୍ୟ ସେବା, ପଶୁଖାଦ୍ୟ ଯୋଗାଣ,ସମ୍ପର୍କରେ ସମୀକ୍ଷା ହୋଇଥିଲା।ପ୍ରଶାସନ ପକ୍ଷରୁ ବନ୍ୟାଞ୍ଚଳରେ ଉଦ୍ଧାର ଓ ଆଶ୍ରୟ କାର୍ଯ୍ୟ ସ୍ୱାଭାବିକ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧,୩୧,୪୯୪ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ୩୬୮ଟି ଆଶ୍ରୟସ୍ଥଳୀରେ ରଖାଯାଇଛି। ବନ୍ୟା ପୀଡ଼ିତଙ୍କ ପାଇଁ ୩୬୩ଟି ରନ୍ଧାଖାଦ୍ୟ କେନ୍ଦ୍ର (Free Kitchens) ଜରିଆରେ ୧.୩୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଛି। ଏଥିସହିତ ୧୦୬୬ କ୍ୱିଣ୍ଟାଲ ଚୁଡ଼ା, ୧୦୫.୧ କ୍ୱିଣ୍ଟାଲ ଗୁଡ଼ ଏବଂ ୯୫୦ଟି ପଲିଥିନ୍ ରୋଲ୍ ପ୍ରଭାବିତ ଅଞ୍ଚଳରେ ବଣ୍ଟନ କରାଯାଇଛି।ଉଦ୍ଧାର କାର୍ଯ୍ୟରେ ୩ଟି ଡଓଜଇର, ୨ଟି ଘଡଜର, ୧୨ଟି ଅଗ୍ନିଶମ ବାହିନୀ ଓ ୧୨ଟି ପୋଲିସ/ସିଭିଲ ଡିଫେନ୍ସ ଟିମ୍ ନିୟୋଜିତ ଅଛନ୍ତି। ୧୪ଟି ଡଙ୍ଗା ମାଧ୍ୟମରେ ୩୭୮ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି ଏବଂ ୩୮ ଜଣ ଜରୁରୀକାଳୀନ ରୋଗୀଙ୍କୁ ସ୍ଥାନାନ୍ତର କରାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ୧୨ଟି ସ୍ୱାସ୍ଥ୍ୟ ଟିମ୍ ୧୮ଟି ମେଡିକାଲ କ୍ୟାମ୍ପ ଜରିଆରେ ୧୪,୮୪୯ ଜଣଙ୍କୁ ଚିକିତ୍ସା ସେବା ଯୋଗାଇ ଦେଇଛନ୍ତି। ଜଳବାହିତ ରୋଗ ବ୍ୟାପିବା ରୋକିବା ପାଇଁ ୧୫୨୪ଟି ନଳକୂପକୁ ବିଶୋଧନ କରାଯାଇଛି।

ଏହି ବନ୍ୟା ଫଳରେ ଜିଲ୍ଲାର ପ୍ରାଣୀସମ୍ପଦ ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି। ୧,୩୩,୭୨୭ ଗୋରୁଗାଈ ଓ ୨୫,୦୫୦ କୁକୁଡ଼ା ବନ୍ୟା କବଳରେ ପଡ଼ିଥିବା ବେଳେ ୧୨ଟି ପ୍ରାଣୀଚିକିତ୍ସା ଟିମ୍ ଦ୍ୱାରା ୮ଟି କ୍ୟାମ୍ପ ଜରିଆରେ ୧୨୩୪ଟି ପ୍ରାଣୀଙ୍କୁ ଚିକିତ୍ସା କରାଯାଇଛି। ପ୍ରାଣୀଙ୍କ ପାଇଁ ୩୬୬.୫୮ ମେଟ୍ରିକ୍ ଟନ୍ ଗୋଖାଦ୍ୟ ଯୋଗାଣ ପାଇଁ ଝଜଉଙ୍କ ନିକଟରେ ଦାବି କରାଯାଇଛି। ନଦୀଗୁଡ଼ିକର ଜଳସ୍ତର ହ୍ରାସ ପାଇବା ପରେ ଭଙ୍ଗା ଘାଇ ଗୁଡ଼ିକର ସ୍ଥାୟୀ ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ବିଶିଷ୍ଟ ସାହିତ୍ୟିକ ଗିରି ଦଣ୍ଡସେନାଙ୍କ ବିୟୋଗରେ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ

ଭୁବନେଶ୍ୱର,୨୫/୮: ସୁନ୍ଦରଗଡ ଜିଲ୍ଲାର ଗାଙ୍ଗପୁର ପ୍ରେସ୍ ରୋଡ ଡେଙ୍ଗିବାଡିସ୍ଥିତ ନିଜ ବାସଭବନରେ ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ଉପ-ସଭାପତି ଗିରି ଦଣ୍ଡସେନାଙ୍କ ଆଜି ୨୪.୮.୨୦୨୬ରିଖ ପୂର୍ବାହ୍ନ ୯.୦୦ ଘଟିକାରେ ପରଲୋକ ଗମନ ହୋଇଯାଇଅଛି। ଓଡିଶା ସାହିତ୍ୟ ଏକାଡେମୀର ଉପ-ସଭାପତି ପଦରେ ତା.୧୮.୫.୨୦୧୧ରିଖରେ ଯୋଗଦାନ କରି ତା.୮.୨.୨୦୧୫ରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଗଳ୍ପ, କବିତା, ପ୍ରବନ୍ଧ ଓ ଫିଚର ଲେଖି ନିଜର ପ୍ରତିଭାକୁ ଏ ଜନମାନସକୁ ପ୍ରତିପାଦନ କରିପାରିଥିଲେ। ଆକାଶର ବିପୁଳତା ଓ ଅନନ୍ତବ୍ୟାପ୍ତିର ସାମ୍ନାରେ ମଣିଷର ଜୀବନ ଅଭୀପସା ଓ ଅଲଂଘ୍ୟ ନିୟତିକୁ ଅନୁଧ୍ୟାନ କରି ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ବିଶିଷ୍ଟ ସାହିତ୍ୟିକ ସ୍ୱର୍ଗତ ଗିରି ଦଣ୍ଡସେନା। ଗଳ୍ପ ସଂକଳ୍ପ ମଧ୍ୟରେ ‘କଳାସୂତ୍ର’, ‘ଓ’, ‘ଇଣ୍ଡିଆ’’, ‘ଭୂମିଗର୍ଭା’, ‘ଓଡିଶୀ ଓଡିଶା’, ‘ଅନାର୍ଯ୍ୟ ଦାସ’, ‘ରାସ୍ତାକଡେ ଜୀବନ’ ଓ ‘ପ୍ରବାଦ ପୁରୁଷ’ ଇତ୍ୟାଦି ପ୍ରକାଶିତ ହୋଇ ସ୍ୱର୍ଗତ ଦଣ୍ଡସେନାଙ୍କର ସାରସ୍ୱତ ଜୀବନର ଅନେକ କଥା ସେ ଏ ଜନମାନସରେ ଦେଇ ଅଛନ୍ତି। କଥିତ ଶବ୍ଦ ଓ ଲେଖକୀୟ ଭାବଧାରାର ନିୟମରେ ନୂତନ ଶବ୍ଦ ଗୁନ୍ଥନ ଯାହାଙ୍କର ବିଶେଷତ୍ୱ ରହିଥିଲା ଯିଏକି ଭାବଗତ ବୈଚିତ୍ର୍ୟ ଓ ଶବ୍ଦର ସୁପ୍ରଯୁକ୍ତି ଯାହାଙ୍କୁ ଆମେ ଏକ ନିଆରା ସ୍ରଷ୍ଟା ଭାବେ ଚିହ୍ନିତ କରିପାରିଥିଲୁ ସେ ଆମ ଗହଣକୁ ସବୁଦିନ ପାଇଁ ବିଦାୟ ନେଇଯାଇଅଛନ୍ତି। ସାଂସାରିକ ଦୃଷ୍ଟିରେ ପରାଜିତ ଓ ଅବହେଳିତ ମନେ ହେଉଥିବା ମଣିଷମାନଙ୍କର ଚାରିତ୍ରିକ ଓ ଆତ୍ମିକ ଉଚ୍ଚତା ଏବଂ ଗଭୀରତା ତାଙ୍କର ସୃଷ୍ଟି ଗଳ୍ପଗୁଡିକରେ ସନ୍ନିବେଶିତ ହୋଇପାରିଅଛି। ତାଙ୍କର ଅଣାପରମ୍ପରିକ କଥନଶୈଳୀ ଓଡିଆ ଭାଷାର ଭାବପ୍ରକାଶ ସାମର୍ଥର ସୂଚକ ହୋଇପାରିଅଛି। ଯାହାଙ୍କର ଏକାନ୍ତ ବ୍ୟକ୍ତିଗତ ଆବେଗ ଓ ଅନୁଭବକୁ ଯିଏ ତୀବ୍ରଭାବେ ନିଜର ଲେଖନୀ ମାଧ୍ୟମରେ ଏ ସମାଜକୁ ବିଭିନ୍ନ ବାର୍ତ୍ତା ଦେଇପାରିଅଛନ୍ତି। ଏହିଭଳି ଜଣେ ଅନନ୍ୟ ସାରସ୍ୱତ ସ୍ରଷ୍ଟାଙ୍କ ବିୟୋଗରେ ସାହିତ୍ୟ କ୍ଷେତ୍ରରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଯାଇଛି। ଓଡିଶା ସରକାରଙ୍କ ଟ୍ରେଜେରିରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ଏହିପରି ଜଣେ ଅନନ୍ୟ ସ୍ରଷ୍ଟାଙ୍କର ବିୟୋଗରେ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହିତ ଶ୍ରଦ୍ଧାଞ୍ଜଳି ଏବଂ ଏଭଳି ଏକ ଦୁଃଖଦ ସମୟରେ ଭଗବାନ ତାଙ୍କ ପରିବାରକୁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରିଥାନ୍ତୁ ବୋଲି ସମସ୍ତେ ପ୍ରାର୍ଥନା କରିଥିଲେ।

## ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ପାଳିତ

# ‘ପାପଡାହାଣ୍ଡିର ସହିଦ ମିନାର୍ ସ୍ତମ୍ଭ ଆଜି ଦେଶପ୍ରେମ, ଜାତିପ୍ରେମର ନିଦର୍ଶନ ବହନ କରୁଛି ’



ଭୁବନେଶ୍ୱର,୨୫/୮: ପାପଡାହାଣ୍ଡିର ସହିଦ ମିନାର୍ ସ୍ତମ୍ଭ ଆଜି ଦେଶପ୍ରେମ, ଜାତିପ୍ରେମର ନିଦର୍ଶନ ବହନ କରୁଛି । ବ୍ରିଟିଶ ସରକାରଙ୍କ ନିରୀହ ଜନଜାତିର ଲୋକମାନଙ୍କ ଉପରେ ଦମନଲୀଳା ସେ ସମୟର ବର୍ବାରଚିତ କାଣ୍ଡ ଭାବେ କଳା ଅକ୍ଷରରେ ଲିପିବଦ୍ଧ ବୋଲି ପୂର୍ବତନ ମନ୍ତ୍ରୀ ଶ୍ରୀ ଅରବିନ୍ଦ ଢାଲି ପ୍ରକାଶ କରିଛନ୍ତି ।

ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଆଜି ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ଢାଲି କହିଲେ ଯେ ଭାରତଛାଡ ଆନ୍ଦୋଳନର ସ୍ୱର ପାପଡାହାଣ୍ଡିରେ ତୀବ୍ର ଭାବେ ଗୁଞ୍ଜରିତ ହୋଇଥିଲା । ଏହି ସଂଗ୍ରାମୀମାନଙ୍କ ବଳିଦାନର ଭିତ୍ତିଭୂମି ଉପରେ ଆମ ଦେଶ ଭାରତବର୍ଷ ଠିଆ ହୋଇଛି ଏବଂ ଆମେ ସ୍ୱାଧୀନତାର ଆନନ୍ଦ ନେଉଛେ ବୋଲି ସେ ଉଲ୍ଲେଖ କରିଥିଲେ ।

ମୁଖ୍ୟବକ୍ତା ଭାବେ ଯୋଗଦେଇ ସାହିତ୍ୟିକା ତଥା ସମାଜସେବୀ ବୃନ୍ଦାବତୀ ସାହୁ ପାପଡାହାଣ୍ଡିର ତୁରୀ ନଦୀ ତଟରେ ସଂଘଟିତ ଏହି ବର୍ବରୋଚିତ ଗୁଳିକାଣ୍ଡ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ । ଇଂରେଜଙ୍କ ଅମାନୁଷିକ ଗୁଳିକାଣ୍ଡରେ ୧୯ ଜଣ ସଂଗ୍ରାମୀ ଶହୀଦ ହୋଇଥିଲେ । ତେଣୁ ଏହାକୁ ରକ୍ତତୀର୍ଥ ପାପଡାହାଣ୍ଡି କୁହାଯାଏ । ଏହା ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ କରି ପାପଡାହାଣ୍ଡି ସଂଗ୍ରାମର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିଥିଲେ ।

ସୂଚନା ଓ ଲୋକସଂପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଅବସରରେ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଆତ୍ମୋତ୍ସର୍ଗ ବଳରେ ଆମେ କଷ୍ଟଲବ୍ଧ ସ୍ୱାଧୀନତା ପାଇଛେ ବୋଲି ପ୍ରକାଶ କରିଥିଲେ । ସ୍ୱାଧୀନତା ନିମନ୍ତେ ନବରଙ୍ଗପୁର ପରି ଏକ ଆଦିବାସୀବହୁଳ ଅଞ୍ଚଳର ଜନସାଧାରଣ ଯେପରି ତ୍ୟାଗ ସ୍ୱୀକାର କରିଥିଲେ ତାହା ଉତ୍ତରପିଢ଼ିଙ୍କୁ ସବୁବେଳେ ଅନୁପ୍ରାଣିତ କରୁଥିବ ବୋଲି ସେ ଉଲ୍ଲେଖ କରିଥିଲେ । ଶବରୀ ସାଂସ୍କୃତିକ ସଂସଦର ସଦସ୍ୟ ଶ୍ରୀ ହୃଦୟ ରଞ୍ଜନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନା ଅଧିକାରୀ ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗର ବହୁ ଅଧିକାରୀ, ଶବରୀ ସାଂସ୍କୃତିକ ସଂସଦର ସମ୍ପାଦକ ଶ୍ରୀ ନୀଳମାଧମ ଦାଶ ଓ ଅନ୍ୟ କର୍ମକର୍ତ୍ତା ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ଏମ୍ ଏମ୍ ଡି ଆର ସଂଶୋଧନ ଆଇନ-୨୦୨୬କୁ ରଦ୍ଦ କରିବା ଦାବିରେ ପଥପ୍ରାନ୍ତ ସଭା



ଭଦ୍ରକ,,୨୫/୮:ଓଡିଶା ବିରୋଧୀ ଖଣି ଓ ଖଣିଜ ପଦାର୍ଥ ବିକାଶ ନିୟମ ଆଇନ- ୨୦୨୬ କୁ ରଦ୍ଦ କରିବା ଦାବିରେ ଇଣ୍ଡିଆ ମେଣ୍ଟ ର ଅନ୍ତର୍ଭୁକ୍ତ ଜାତୀୟ କଂଗ୍ରେସ, ସିପିଆଇଏମ, ସିପିଆଇ, ସିପିଆଇଏମଏଲ ଲିବରେସନ ପକ୍ଷରୁ ମିଳିତ ଭାବେ ଭଦ୍ରକ ବନ୍ତ ଛକ, ଚରଂପା ଓ ପୁରୁଣାବଜାର ଠାରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାଗୁଡିକରେ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, କଂଗ୍ରେସ ଜିଲ୍ଲା ସଭାପତି ନଳିନୀକାନ୍ତ ମହାନ୍ତି, ସିପିଆଇ(ଏମ) ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ସିପିଆଇଏମଏଲ ଲିବରେସନ ଜିଲ୍ଲା ସଂପାଦକ ସମର ବଳ, ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ମହାନ୍ତି, ମହିଳା କଂଗ୍ରେସ ନେତ୍ରୀ ଶର୍ମିଷ୍ଠା ପଣ୍ଡା, ବରିଷ୍ଠ ସିପିଆଇ(ଏମ) ନେତା ଚନ୍ଦ୍ରଶେଖର ନାୟକ, ପ୍ରଫୁଲ୍ଲ ପାଢୀ, ଗିରିଧାରୀ ନାଥ, କଂଗ୍ରେସ ନେତା ରାଜେନ୍ଦ୍ର ଜେନା, କଂଗ୍ରେସ ନେତା ପିତବାସ ଧଳ , ଯୁବ କଂଗ୍ରେସ ଜିଲ୍ଲା ସଭାପତି ବଳରାମ ରାଉତ , ଯୁବନେତା ବିଜୟ ବାରିକ୍, ଯୁବନେତା ରାଜୁପ୍ରସାଦ ରାୟ, ମହିଳା କଂଗ୍ରେସ ନେତ୍ରୀ ସେକ୍ ହାସିନା, ସିପିଆଇ(ଏମ) ନେତା କାଳନ୍ଦୀ ପାତ୍ର , ଭଦ୍ରକ ପୌରପାଳିକାର କାଉନସିଲର ଏନାମୁଲ ହକ, ଇଲିଆସ ଅଲ୍ଲୀ ଖାନ୍, ଗୁଲାମ ମଇରୁଦ୍ଦିନ,ବରିଷ୍ଠ କଂଗ୍ରେସ ନେତା ଅବଦୁଲ ମୁକିତ୍ ଖାନ୍ ପ୍ରମୁଖ ଯୋଗଦେଇ ଓଡିଶା ର ରାଜସ୍ୱ ସ୍ଥିର କରିବାର ସାମ୍ବିଧାନିକ ଅଧିକାର କୁ ମୋଦି ସରକାର ଛଡାଇ ନେବା ପାଇଁ ଯେଉଁ ପଥ ବାଛିଛନ୍ତି ତାକୁ ନିନ୍ଦା କରିବା ସହ ଏମ ଏମ୍ ଡି ଆର ସଂଶୋଧନ ଆଇନ ବାତିଲ କରିବାକୁ ଦାବି କରିଥିଲେ ।

### ସଂଶୋଧିତ ଖଣି ଆଇନ ରାଜ୍ୟର ଅଧିକାର, ଆଦିବାସୀଙ୍କ ଜୀବନଜୀବିକା ଓ ଭବିଷ୍ୟତ ପିଢ଼ି ପାଇଁ ଗୁରୁତର ବିପଦ

# କେନ୍ଦ୍ରର କର୍ପୋରେଟ୍ -ସପକ୍ଷ ଖଣି ନୀତି ବିରୋଧରେ ବ୍ୟାପକ ଜନଆନ୍ଦୋଳନ ପାଇଁ ଆହ୍ୱାନ

ଭୁବନେଶ୍ୱର,୨୫/୮: କେନ୍ଦ୍ରର ଭାଜପା ସରକାର ସଂସଦରେ ବିନା ଆଲୋଚନା ତରବରରେ ପାସ୍ କରିଥିବା ସଂଶୋଧିତ ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ଆଇନ ୨୦୨୬ ,ଦେଶର ଖଣିଜ ସମ୍ପଦକୁ ବଡ଼ ବଡ଼ କର୍ପୋରେଟ୍ ଗୋଷ୍ଠୀଙ୍କ ହାତରେ ଅଧିକ ମାତ୍ରାରେ ଟେକିଦେବା ସହ ରାଜ୍ୟଗୁଡ଼ିକର ଆର୍ଥିକ ଓ ସାମ୍ବିଧାନିକ ଅଧିକାରକୁ ସଂକୁଚିତ କରିବା ପାଇଁ ଉଦ୍ଦିଷ୍ଟ। ଏହି ଆଇନ ଖଣିଜ ସମ୍ପଦରେ ସମୃଦ୍ଧ କିନ୍ତୁ ଐତିହାସିକ ଭାବେ ପଛୁଆ ରାଜ୍ୟଗୁଡ଼ିକୁ ଆହୁରି ଆର୍ଥିକ ଦୁର୍ବଳ କରିବା ସହ ଆଦିବାସୀ ଓ ସ୍ଥାନୀୟ ଲୋକଙ୍କ ଜମି, ଜଙ୍ଗଲ, ଜଳ ଓ ଜୀବିକା ଅଧିକାର ଉପରେ ଗୁରୁତର ଆଘାତ ଆଣିବ।

ବିଶେଷକରି ଆଇନର ଧାରା ୯-ଡି ରାଜ୍ୟଗୁଡ଼ିକର ଖଣିଜ ସମ୍ପଦ ଉପରେ ରାଜସ୍ୱ ଆଦାୟ କରିବାର ଅଧିକାରକୁ ସଂକୁଚିତ କରୁଛି। ୨୦୨୪ ଅଗଷ୍ଟରେ ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ ପରେ ଓଡ଼ିଶା ନିଜ ଅଧିକାର ଅନୁଯାୟୀ ପିଛିଲା ଖଣିଜ ରାଜସ୍ୱ ବାବଦରେ ପ୍ରାୟ ୧ ଲକ୍ଷରୁ ୧.୨୫ଲକ୍ଷ କୋଟି ଟଙ୍କା ଆଦାୟ କରିବାର ସୁଯୋଗ ପାଇଥିଲା। ଏହି ସଂଶୋଧନ ତାହାକୁ ପ୍ରାୟତଃ ଅକାମୀ କରିଦେଉଛି। ଏହା ସହ ରାଜ୍ୟ ନିଜ ଅଧିକାର ଅନୁଯାୟୀ ଖଣିଜ ଉପରେ ସେସ୍ ବା ନୂଆ କର ଲଗାଇ ପ୍ରତିବର୍ଷ ପ୍ରାୟ ୧୨ ହଜାରରୁ ୧୭ ହଜାର କୋଟି ଟଙ୍କା ଆଦାୟ କରିପାରିଥାନ୍ତା; ଏହି ଆୟର ସମ୍ଭାବନା ମଧ୍ୟ ଏବେ ବନ୍ଦ ହୋଇଯାଇଛି।

ଏହି ସଂଶୋଧନର ଧାରା ୧୩ ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ମାଧ୍ୟମରେ କ୍ୟାପ୍ଟିଭ୍ ଖଣିର ଖଣିଜକୁ ଖୋଲା ବଜାରରେ ବିକ୍ରି କରିବାର ସୁଯୋଗ ଆହୁରି ବଢ଼ାଯାଇଛି। ଅର୍ଥାତ୍ ସଂଶୋଧିତ ଆଇନ ଅନୁଯାୟୀ କ୍ୟାପ୍ଟିଭ୍ ଖଣିରୁ ଉତ୍ପାଦିତ ଖଣିଜର ବାହାରେ ବିକ୍ରି ଉପରେ ଥିବା ପୂର୍ବର ସୀମାକୁ ହଟାଯାଇଛି। ଏବେ କମ୍ପାନୀମାନେ ଯେତିକି ପରିମାଣର ଖଣିଜ ନିଜ କାରଖାନାରେ ବ୍ୟବହାର କରିବେ ଆଉ ସେତିକି ପରିମାଣର ଖଣିଜ ବାହାର ବଜାରରେ ବିକ୍ରି କରି ମୁନାଫା ଉଠାଇ ପାରିବେ।ଏହା ବଡ଼ ଖଣି-କମ୍ପାନୀଙ୍କୁ ନିଜସ୍ୱ କାରଖାନା ପାଇଁ ମିଳିଥିବା ଖଣିଜ ସମ୍ପଦକୁ ବ୍ୟାପକ ବାଣିଜ୍ୟିକ ସମ୍ପଦରେ ପରିଣତ କରିବାର ସୁଯୋଗ ଦେଉଛି।




ଏହା ସହିତ ଚାଲୁଥିବା ଖଣି ଅଞ୍ଚଳକୁ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ବଢ଼ାଇବାର ସୁବିଧା ଦିଆଯାଇଛି। ଏପରି ବ୍ୟବସ୍ଥା ଖଣି ମାଲିକମାନଙ୍କୁ ଅତିରିକ୍ତ ଖଣି ଅଞ୍ଚଳ ଦଖଲ କରିବାର ସୁଯୋଗ ଦେବ ଏବଂ ଜଙ୍ଗଲ, ଜମି ଓ ସ୍ଥାନୀୟ ଜୀବନଜୀବିକା ଉପରେ ଚାପ ବଢ଼ାଇବ ।ଜଙ୍ଗଲ ଅଧିକାର ଆଇନ,ପେଶା ଓ ସିଡୁଲ୍ ଅଞ୍ଚଳ ଆଇନକୁ ମଧ୍ୟ ଅଣଦେଖା କରିବ।ଏଥି ସହ ଗୁରୁତ୍ୱପୂର୍ଣ୍ଣ ଓ ଭବିଷ୍ୟତରେ ଆବଶ୍ୟକ କ୍ରିଟିକାଲ ଖଣିଜ କ୍ଷେତ୍ରରେ ମଧ୍ୟ ଅନେକ ରିହାତି ଦିଆଯାଇଛି। ଓଡ଼ିଶା ଭଳି ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟଗୁଡ଼ିକ ଏହି ଆଇନର ସବୁଠାରୁ ବଡ଼ ଶିକାର ହେବେ।

ଅଧିକରୁ ଅଧିକ ଯାନ୍ତ୍ରିକ ଖଣି ଖନନ ଉତ୍ପାଦନ ବଢ଼ାଇବ ,ଖଣି କମ୍ପାନୀ ପାଇଁ ଲାଭ ଆଣିବ , କିନ୍ତୁ ଏଥିରେ ସ୍ଥାନୀୟ ଲୋକଙ୍କ ପାଇଁ ସ୍ଥାୟୀ ନିଯୁକ୍ତିର ସୁଯୋଗ ଅତ୍ୟନ୍ତ ନଗଣ୍ୟ ଅଟେ। ଓଡ଼ିଶାର ବକ୍ସାଇଟ୍, ଲୁହପଥର, କ୍ରୋମାଇଟ୍, ମାଙ୍ଗାନିଜ୍ ଓ କୋଇଲା ଭଳି ସମ୍ପଦ କର୍ପୋରେଟ ମାନଙ୍କ ବ୍ୟାପକ ମୁନାଫା ବୃଦ୍ଧି ରେ ଅବଦାନ ଦେଉଛି; କିନ୍ତୁ ଖଣି ଅଞ୍ଚଳର ଲୋକେ ଏହାର ମୂଲ୍ୟ ଭାବେ ଜମି ହରାଇବା, ବିସ୍ଥାପନ, ଜଙ୍ଗଲ ନଷ୍ଟ, ଜଳସ୍ରୋତର ଅବକ୍ଷୟ, ପ୍ରଦୂଷଣ ଓ ସ୍ୱାସ୍ଥ୍ୟ ସମସ୍ୟା ବହନ କରୁଛନ୍ତି। ଏହି ଆଇନ ଦ୍ୱାରା ପରିସ୍ଥିତି ଆହୁରି ବିଷମ ହେବ ଏବଂ କର୍ପୋରେଟ ମାନଙ୍କ ସମ୍ପୂର୍ଣ୍ଣ ଏକଚାଟିଆ ଅଧିକାର ପ୍ରତିଷ୍ଠିତ ହେବ ।

ଏହା ଅସଲରେ ଏକ କର୍ପୋରେଟ ଲୁଟ୍ ବ୍ୟବସ୍ଥା— ଯେଉଁଠାରେ ସମ୍ପଦଶାଳୀ ଅଞ୍ଚଳରୁ କଞ୍ଚାମାଲ ନେଇ ଦେଶର ଅନ୍ୟ ଅଞ୍ଚଳ ଓ କର୍ପୋରେଟ୍ ଗୋଷ୍ଠୀ ଲାଭ ପାଆନ୍ତି, କିନ୍ତୁ ଖଣି ଅଞ୍ଚଳର ଲୋକେ ବିସ୍ଥାପନ, ଦାରିଦ୍ର୍ୟ, ପ୍ରଦୂଷଣ ଓ ସ୍ୱାସ୍ଥ୍ୟହାନିର ଭାର ବହନ କରନ୍ତି। ଏହି ମଡେଲ୍‌କୁ ଆହୁରି ତୀବ୍ର କରିବାକୁ ଏହି ଆଇନ ଅଣାଯାଇଛି।

ଖଣିଜ ସମ୍ପଦ ସୀମିତ । ଥରେ ଏହା ଶେଷ ହେଲେ ଏହାକୁ ଆଉ ପୂରଣ କରାଯାଇ ପାରିବ ନାହିଁ।ଏହା ମଧ୍ୟ କେବଳ ଆଜିର ପିଢ଼ିର ନୁହେଁ, ଭବିଷ୍ୟତ ପିଢ଼ିର ମଧ୍ୟ ଅଧିକାର। ତେଣୁ କର୍ପୋରେଟ୍ ଲାଭ ପାଇଁ ଏହାର ଅବିଚାରିତ ଓ ଲଗାତାର ଲୁଟ୍‌କୁ ବନ୍ଦ କରିବା ଆବଶ୍ୟକ।

ବର୍ତ୍ତମାନ ପରିସ୍ଥିତିରେ ଓଡ଼ିଶା ସମେତ ଖଣିଜ ସମ୍ପଦଶାଳୀ ରାଜ୍ୟଗୁଡ଼ିକରେ ନୂଆ ଖଣି ଖୋଲିବା ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯାଉ। ଏପର୍ଯ୍ୟନ୍ତ ଖୋଲାଯାଇଥିବା ଖଣିଗୁଡ଼ିକର ସାମାଜିକ, ଆର୍ଥିକ ଓ ପରିବେଶଗତ ସମୀକ୍ଷା କରାଯାଉ ଏବଂ ଜନସ୍ୱାର୍ଥବିରୋଧୀ ଖଣି କାର୍ଯ୍ୟକଳାପ ବନ୍ଦ କରାଯାଉ।

ଓଡ଼ିଶାର ଦୀର୍ଘଦିନର ଖଣି ଲୁଟ୍, ବିସ୍ଥାପନ ଓ ପରିବେଶ ଧ୍ୱଂସ ବିରୋଧୀ ଜନଆନ୍ଦୋଳନଗୁଡ଼ିକ ମଧ୍ୟ ଏହି ଦାବିକୁ ହିଁ ଆଗକୁ ଆଣିଛନ୍ତି—ଖଣି ଲୁଟ୍ ବନ୍ଦ ହେଉ, ବିସ୍ଥାପନ ବନ୍ଦ ହେଉ ଏବଂ ଜଙ୍ଗଲ, ଜମି, ଜଳ ଓ ପରିବେଶର ଧ୍ୱଂସ ରୋକାଯାଉ।

ଆମେ ଦାବି କରୁଛୁ—

- ସଂଶୋଧିତ ଗଗଉଜ ଆଇନ, ୨୦୨୬ ପ୍ରତ୍ୟାହାର କରାଯାଉ।
- ରାଜ୍ୟମାନଙ୍କ ଖଣିଜ ରାଜସ୍ୱ ଓ କର ଆଦାୟର ସାମ୍ବିଧାନିକ ଅଧିକାର ସୁରକ୍ଷିତ କରାଯାଉ।
- ଓଡ଼ିଶା ସମେତ ଖଣିଜ ସମ୍ପଦଶାଳୀ ରାଜ୍ୟମାନଙ୍କ ବକେୟା ରାଜସ୍ୱ ଆଦାୟର ଅଧିକାର ସୁରକ୍ଷିତ ରଖାଯାଉ।
- କ୍ୟାପ୍ଟିଭ୍ ଖଣିର ଖଣିଜକୁ ବାଣିଜ୍ୟିକ ବିକ୍ରି କରିବାର ନୀତିକୁ ରଦ୍ଦ କରାଯାଉ।
- ଖଣି ଅଞ୍ଚଳ ବିସ୍ତାରରେ ଗ୍ରାମସଭା, ଆଦିବାସୀ ଅଧିକାର, ଜଙ୍ଗଲ ଅଧିକାର ଓ ପରିବେଶ ଆଇନର ସମସ୍ତ ସୁରକ୍ଷା ଅକ୍ଷୁଣ୍ଣ ରହୁ।
- ଆଦିବାସୀ ଓ ସ୍ଥାନୀୟ ଲୋକଙ୍କ ଜମି, ଜଙ୍ଗଲ, ଜଳ ଓ ଜୀବିକାର ଅଧିକାର ସୁରକ୍ଷିତ କରାଯାଉ।
- ନୂଆ ଖଣି ଖୋଲିବା ଉପରେ ରୋକ ଲଗାଇ ପୂର୍ବରୁ ଖୋଲାଯାଇଥିବା ଖଣିଗୁଡ଼ିକର ସାମାଜିକ, ଆର୍ଥିକ ଓ ପରିବେଶଗତ ସମୀକ୍ଷା କରାଯାଉ।

ଖଣିଜ ସମ୍ପଦ ଜନତାଙ୍କର— କର୍ପୋରେଟ୍‌ର ନୁହେଁ। ରାଜ୍ୟମାନଙ୍କ ଅଧିକାର, ଆଦିବାସୀଙ୍କ ଅଧିକାର ଓ ଭବିଷ୍ୟତ ପିଢ଼ିର ଅଧିକାର ଉପରେ ଏହି ଆକ୍ରମଣକୁ ଦେଶର ଶ୍ରମିକ, କୃଷକ, ଆଦିବାସୀ ,ଦଳିତ ଓ ସମସ୍ତ ଗଣତାନ୍ତ୍ରିକ ଜନତା ଏକତ୍ରିତ ହୋଇ ପ୍ରତିରୋଧ କରନ୍ତୁ।ଆସନ୍ତା ସେପ୍ଟେମ୍ବର ଏକ ରୁ ଦଶ ତାରିଖ ମଧ୍ୟରେ ରାଜ୍ୟର ସବୁ ଅଞ୍ଚଳରେ ଏହି ଆଇନକୁ ବିରୋଧ କରି ପ୍ରତିବାଦ ଆନ୍ଦୋଳନ କରିବା ପାଇଁ ଆମେ ଚାରୋଟି ପାର୍ଟି ନିବେଦନ କରୁଛୁ।

## ଓଡ଼ିଶାର ସ୍ୱାର୍ଥ ବିରୋଧୀ ଏମ୍.ଏମ୍.ଡି.ଆର୍. ଆଇନ-୨୦୨୬ ରଦ୍ଦ ଦାବିରେ ଭୁବନେଶ୍ୱରରେ ଇଣ୍ଡିଆ ମେଣ୍ଟର ମଶାଲ ଶୋଭାଯାତ୍ରା




ଭୁବନେଶ୍ୱର,୨୫/୮:ଓଡ଼ିଶାର ସ୍ୱାର୍ଥ ବିରୋଧୀ ଖଣି ଓ ଖଣିଜ ପଦାର୍ଥ (ବିକାଶ ଓ ନିୟମାବଳୀ) ସଂଶୋଧନ ଆଇନ-୨୦୨୬ (ଏମ୍.ଏମ୍.ଡି.ଆର୍. ଆଇନ-୨୦୨୬)କୁ ରଦ୍ଦ କରିବା ଦାବିରେ ଆସନ୍ତାକାଲି, ୨୫ ଅଗଷ୍ଟରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଓଡ଼ିଶାବ୍ୟାପୀ ପ୍ରତିରୋଧ ଦିବସ ପାଳନ ସହ ବ୍ୟାପକ ପ୍ରତିବାଦ ଆନ୍ଦୋଳନ ପାଇଁ ଆହ୍ୱାନ ଦିଆଯାଇଛି। ଏହି ଆନ୍ଦୋଳନକୁ ଭୁବନେଶ୍ୱରରେ ସଫଳ କରିବା ଉଦ୍ଦେଶ୍ୟରେ ଆଜି ଇଣ୍ଡିଆ ମେଣ୍ଟର ସହଯୋଗୀ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

ଏହି ମଶାଲ ଶୋଭାଯାତ୍ରାରେ କଂଗ୍ରେସର ବରିଷ୍ଠ ନେତା ସୁରେଶ ରାଉତରାୟ, ଶିବାନନ୍ଦ ରାୟ, ପ୍ରକାଶ ଜେନା ଓ ସନ୍ତୋଷ ସିଂହ ସାଲୁଜା, ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ନେତା ଜନ୍ମେଶ୍ୱର ସାମନ୍ତରାୟ, ତାପସୀ ପ୍ରହରାଜ, ଭୁବନେଶ୍ୱର ଲୋକାଲ କମିଟି ସମ୍ପାଦକ ପ୍ରଦୀପ୍ତ ନାୟକ ଓ ପ୍ରଭାତ ପାଣିଗ୍ରାହୀ, ସିପିଆଇର ନେତା ସୁର ଜେନା, ସିପିଆଇ(ଏମ୍ଏଲ୍) ନେତା ମହେନ୍ଦ୍ର ପରିଡ଼ା ଏବଂ ଫରୱାର୍ଡ ବ୍ଲକ୍ ନେତା ଜ୍ୟୋତିରଞ୍ଜନ ମହାପାତ୍ରଙ୍କ ସମେତ ଶତାଧିକ କର୍ମୀ ଓ ସମର୍ଥକ ଯୋଗଦେଇଥିଲେ।

ଶୋଭାଯାତ୍ରାରେ ନେତାମାନେ କହିଥିଲେ ଯେ, ଓଡ଼ିଶାର ଖଣିଜ ସମ୍ପଦ ରାଜ୍ୟର ଅର୍ଥନୀତି, ରାଜସ୍ୱ ଓ ଜନସାଧାରଣଙ୍କ ଅଧିକାର ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଏମ୍.ଏମ୍.ଡି.ଆର୍. ଆଇନ-୨୦୨୬ ରାଜ୍ୟର ଆର୍ଥିକ ଓ ସାମ୍ବିଧାନିକ ଅଧିକାରକୁ ଦୁର୍ବଳ କରିବା ସହ ଓଡ଼ିଶାର ଖଣିଜ ସମ୍ପଦ ଉପରେ କେନ୍ଦ୍ରୀୟ ନିୟନ୍ତ୍ରଣ ବଢ଼ାଇବାର ରାସ୍ତା ଖୋଲିଦେବ ବୋଲି ସେମାନେ ଅଭିଯୋଗ କରିଥିଲେ। ଏହା ଫଳରେ ରାଜ୍ୟର ରାଜସ୍ୱ ସ୍ୱାର୍ଥ, ସଂଘୀୟ ବ୍ୟବସ୍ଥା ଓ ଖଣି ଅଞ୍ଚଳର ଲୋକଙ୍କ ଅଧିକାର ଗୁରୁତର ଭାବେ ପ୍ରଭାବିତ ହେବ ବୋଲି ସେମାନେ କହିଥିଲେ।

ଏହି ଆଇନକୁ ତୁରନ୍ତ ରଦ୍ଦ କରିବା, ଓଡ଼ିଶାର ଖଣିଜ ସମ୍ପଦ ଉପରେ ରାଜ୍ୟର ଅଧିକାର ଓ ସ୍ୱାର୍ଥ ସୁରକ୍ଷିତ କରିବା ଏବଂ ରାଜ୍ୟର ଆର୍ଥିକ ଓ ସଂଘୀୟ ଅଧିକାର ଉପରେ ଆକ୍ରମଣ ବିରୋଧରେ ଐକ୍ୟବଦ୍ଧ ପ୍ରତିରୋଧ ଗଢ଼ି ତୋଳିବା ପାଇଁ ଇଣ୍ଡିଆ ମେଣ୍ଟ ନେତାମାନେ ଆହ୍ୱାନ ଦେଇଥିଲେ। ୨୫ ଅଗଷ୍ଟର ରାଜ୍ୟବ୍ୟାପୀ ପ୍ରତିରୋଧ ଦିବସକୁ ସଫଳ କରିବା ପାଇଁ ଓଡ଼ିଶାବାସୀଙ୍କୁ ଇଣ୍ଡିଆ ମେଣ୍ଟ ପକ୍ଷରୁ ଆହ୍ୱାନ ଦିଆଯାଇଛି।

# ଏମ୍ସ ଭୁବନେଶ୍ୱର ବର୍ଣ୍ଣସ୍ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ଏକ ଦଶନ୍ଧିର ସଫଳ ଯାତ୍ରା ପୂର୍ଣ୍ଣ

ଭୁବନେଶ୍ୱର, ୨୫/୮:ଏମ୍ସ ଭୁବନେଶ୍ୱର ବର୍ଣ୍ଣସ୍ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗ ଏହାର ଗୌରବମୟ ଏକ ଦଶନ୍ଧି ଯାତ୍ରା ପୂରଣ କରିଛି। ଶଲ୍ୟଚିକିତ୍ସା, ନବସୃଜନ, ତାଲିମ ଏବଂ ଶୈକ୍ଷିକ ଉତ୍କର୍ଷତାର ଦଶନ୍ଧି ଧରି ଚାଲିଥିବା ଯାତ୍ରାରେ ଏହି ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏନେଇ ବିଭାଗ ପକ୍ଷରୁ ଚଳିତ ମାସ ୨୧ ଏବଂ ୨୨ ରେ ଅର୍ଥପୂର୍ଣ୍ଣ ଜାତୀୟ ସିଏମ୍ଇ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଯାତ୍ରାକୁ ପାଳନ କରିଛି। ଦେଶର ବିଭିନ୍ନ ପ୍ରତିଷ୍ଠିତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡିକରୁ ଖ୍ୟାତନାମା ଶଲ୍ୟ ଚିକିତ୍ସକମାନେ ଏହି ଦୁଇଦିନିଆ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ 'ବ୍ରାକିଆଲ୍ ପ୍ଲେକ୍ସସ୍ ଆଘାତରେ ମାଧ୍ୟମିକ ପ୍ରକ୍ରିୟା' ଉପରେ ଲାଇଭ୍ ସର୍ଜରୀ ମଧ୍ୟ ସ୍ଥାନ ପାଇଥିଲା। କ୍ରମାଗତ ଭାବେ ୧୦ ଟି ଲାଇଭ୍ ସର୍ଜିକାଲ୍ ପ୍ରଦର୍ଶନ ଦେଶରେ ରେକର୍ଡ କରିଛି। ଯାହାକି ସର୍ବଭାରତୀୟ କ୍ଷେତ୍ରରେ ଦୃଷ୍ଟି ଆକର୍ଷଣ କରିପାରିଛି।



ଏମ୍ସ ଭୁବନେଶ୍ୱରରେ ଥିବା ୩୬ ଶଯ୍ୟା ବିଶିଷ୍ଟ ଆଧୁନିକ ବର୍ଣ୍ଣ ୟୁନିଟ୍, ସମ୍ପୂର୍ଣ୍ଣ ପୋଡ଼ା କ୍ଷତ ପରିଚାଳନା, ପୁନଃନିର୍ମାଣ ଅସ୍ତ୍ରୋପଚାର ଏବଂ ପୁନର୍ବାସ ସେବା ପ୍ରଦାନ ନିମନ୍ତେ ଉତ୍ସର୍ଗୀକୃତ। ଏହା ପୂର୍ବ ଭାରତର ଅତ୍ୟାଧୁନିକ ବର୍ଣ୍ଣ କେୟାର ୟୁନିଟ୍ ମଧ୍ୟରୁ ଗୋଟିଏ।

ଗତ ଏକ ଦଶନ୍ଧି ମଧ୍ୟରେ, ଏହି କେନ୍ଦ୍ର ଓଡ଼ିଶା ସମେତ ପଡ଼ଶୀ ରାଜ୍ୟଗୁଡିକରୁ ଆସିଥିବା ଗୁରୁତର ଏବଂ ହାଇ-ପ୍ରୋଫାଇଲ୍ ମାମଲା ସମେତ ଦେ ହଜାରରୁ ଅଧିକ ପୋଡି ଯାଇଥିବା ରୋଗୀଙ୍କୁ ସଫଳତାର ସହିତ ଚିକିତ୍ସା କରିଛି। ସେହିପରି ଏମ୍ସ ଭୁବନେଶ୍ୱରରେ ଥିବା ଏହି କେନ୍ଦ୍ର ଅନ୍ୟ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନରୁ ରେଫର୍ ହୋଇଥିବା ପୋଡା ପୀଡିତଙ୍କ ପାଇଁ ଚର୍ମ ଆଲୋଗ୍ରାଫ୍ଟ ସହାୟତା ମଧ୍ୟ ପ୍ରଦାନ କରିଛି।

ଏହି ବିଭାଗ ଗତ ଦଶ ବର୍ଷ ମଧ୍ୟରେ ୭ ହଜାରରୁ ଅଧିକ ପୁନଃନିର୍ମାଣ ଏବଂ ସୌନ୍ଦର୍ଯ୍ୟକରଣ ଅସ୍ତ୍ରୋପଚାର ସଫଳତାର ସହିତ ସମ୍ପନ୍ନ କରିଛି। ଯେଉଁଥିରେ ୫ଶହରୁ ଅଧିକ ମାଇକ୍ରୋସର୍ଜରୀ, ୩ଶହରୁ ଅଧିକ ବ୍ରାଚିଆଲ୍ ପ୍ଲେକ୍ସସ୍ ଆଘାତ ପୁନଃନିର୍ମାଣ, ତିନି ଶହ ଜନ୍ମଗତ ଅସଙ୍ଗତି ସଂଶୋଧନ, ଦୁଇ ଶହ ସ୍କାଇଲ୍ ଟ୍ରେନ୍ କ୍ଲେଫ୍ଟ ଲିପ୍ ଏବଂ ପାଲେଟ୍ ଅସ୍ତ୍ରୋପଚାର, ଅଇ ଶହରୁ ଅଧିକ ଆର୍ବିଏସକେ ମାମଲା ଏବଂ ପ୍ରାୟ ୩ ହଜାର ଜରୁରୀକାଳୀନ ଚିକିତ୍ସା ମାମଲା ଅନ୍ତର୍ଭୁକ୍ତ।

ବୃଦ୍ଧି ପାଉଥିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସବସ୍ପେଶାଲିଟି କ୍ଲିନିକ୍ ପ୍ରତିଷ୍ଠା କରିବା, ସିମୁଲେସନ୍-ଆଧାରିତ ଶଲ୍ୟଚିକିତ୍ସା ତାଲିମକୁ ସୁଦୃଢ଼ କରିବା, ହାଇପରବାରିକ୍ ଅକ୍ସିଜେନ୍ ଥେରାପିକୁ ବିସ୍ତାର କରିବା, ହାତ ପ୍ରତିରୋପଣ ଆରମ୍ଭ କରିବା ଏବଂ ଏକ ଚର୍ମ ବ୍ୟାଙ୍କ ଏବଂ ଟିସୁ ପ୍ରତିରୋପଣ ୟୁନିଟ୍ ପ୍ରତିଷ୍ଠା କରିବାର ଯୋଜନା ରଖିଛି। ଏହି ବର୍ଣ୍ଣ ସେଣ୍ଟର୍କୁ ଏକ ଉତ୍କର୍ଷ କେନ୍ଦ୍ର ଭାବରେ ବିକଶିତ କରିବା ହେଉଛି ଏକ ପ୍ରମୁଖ ଉଦ୍ଦେଶ୍ୟ।

ଏକ ଦଶନ୍ଧିର ସଫଳ ଯାତ୍ରା ପୂରଣ କରିଥିବାରୁ ବିଭାଗ ଏବଂ ସମସ୍ତ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇ, ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ ବର୍ଣ୍ଣ ସେଣ୍ଟରର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ପ୍ରଶଂସା କରିଥିଲେ ଏବଂ ଆଗାମୀ ବର୍ଷଗୁଡ଼ିକରେ ବିଭାଗ ଆହୁରି ଅନେକ ମାଇଲଖୁଣ୍ଟ ହାସଲ କରିବ ବୋଲି ବିଶ୍ୱାସ ପ୍ରକାଶ କରିଥିଲେ।

ଏହି ଦୁଇଦିନିଆ କର୍ମଶାଳାରେ ସାରା ଭାରତରୁ ୧୦୦ ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପୁରୀ ଲୋକସଭା ସାଂସଦ ଡ. ସମ୍ବିତ ପାତ୍ର ଏବଂ ଏମ୍ସ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ପ୍ରଫେସର ଅଶୋକ କୁମାର ମହାପାତ୍ର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ।

ଏମ୍ସ ଭୁବନେଶ୍ୱର ବର୍ଣ୍ଣ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗୀୟ ମୁଖ୍ୟ ଡ. ସଞ୍ଜୟ କୁମାର ଗିରିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ, ଡ. ଦିଲ୍ଲୀପ କୁମାର ପରିଡା, ଡ. ମନସ୍ୱିନୀ ମଙ୍ଗରାଜ, ଡ. ପ୍ରଭାସ ରଞ୍ଜନ ତ୍ରିପାଠି, ମେଡିକାଲ ଅଧୀକ୍ଷକ, ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ଡିଡିଏ ଏମ୍ସ ଭୁବନେଶ୍ୱରଙ୍କ ସମେତ ଡ. ପ୍ରବୀଣ ଭରଦ୍ୱାଜ, ଡ. ଆର. ଶ୍ରୀକାନ୍ତ, ଏବଂ ଡ. ବିନାୟକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ର ସଘନ ସଂଶୋଧନ ଉପରେ ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଇଣ୍ଟର୍ନସିପ୍

ଭୁବନେଶ୍ୱର,୨୫/୮ :ନିର୍ବାଚନୀ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ଇଣ୍ଟର୍ନସିପ୍ ଉତ୍କଳ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ର ଛାତ୍ରଛାତ୍ରୀମାନେ ହାସଲ କରିଥିବା ଅଭିଜ୍ଞତା ଓ କ୍ଷେତ୍ରସ୍ତରୀୟ କାର୍ଯ୍ୟର ଅନୁଭୂତି ଉପସ୍ଥାପନ କରିଛନ୍ତି। ଆଜି ଅପରାହ୍ନ ୩ଟା ୩୦ ମିନିଟ୍‌ରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏହି ଉପସ୍ଥାପନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଏହି ବୈଠକ-ସହ-ଆଲୋଚନା ଚକ୍ରରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନ ଅଧ୍ୟକ୍ଷତା କରିଥିଲେ। ଛାତ୍ରଛାତ୍ରୀମାନେ ଏସଆଇଆର କାର୍ଯ୍ୟସୂଚୀ ସମୟରେ କ୍ଷେତ୍ରସ୍ତରରେ ସମ୍ମୁଖୀନ ହୋଇଥିବା ବାସ୍ତବ ସମସ୍ୟା, ସେମାନଙ୍କର ନିରୀକ୍ଷଣ ଏବଂ ଶିକ୍ଷଣୀୟ ଅନୁଭୂତି ସମ୍ପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ମୁଖରେ ତଥ୍ୟ ଆଧାରିତ ବିବରଣୀ ରଖିଥିଲେ।



ଇଣ୍ଟର୍ନସିପ୍ ସମୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ ନେଇ କ୍ଷେତ୍ରସ୍ତରରେ ସେମାନଙ୍କର ଅନୁଭୂତି, କାର୍ଯ୍ୟପଦ୍ଧତି ଏବଂ ହାସଲ କରିଥିବା ଶିକ୍ଷଣୀୟ ଅନୁଭବକୁ ଛାତ୍ରଛାତ୍ରୀମାନେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ।

ଏହି ଉପସ୍ଥାପନା ପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା, ଯାହା ଛାତ୍ରଛାତ୍ରୀମାନଙ୍କୁ ତୃଣମୂଳ ସ୍ତରରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଏବଂ ଏହାର କାର୍ଯ୍ୟକାରିତା ସମ୍ପର୍କରେ ନିଜ ନିଜର ଦୃଷ୍ଟିକୋଣ ଉପସ୍ଥାପନ କରିବାର ସୁଯୋଗ ଦେଇଥିଲା।

ଭୋଟର ତାଲିକା ର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ବିଭିନ୍ନ ପର୍ଯ୍ୟାୟ, କ୍ଷେତ୍ରସ୍ତରର କାର୍ଯ୍ୟକଳାପ ଏବଂ ଏହି ପ୍ରକ୍ରିୟାରେ ସେମାନେ ପାଇଥିବା ଜ୍ଞାନ ସମ୍ପର୍କରେ ମଧ୍ୟ ଛାତ୍ରଛାତ୍ରୀମାନେ ସେମାନଙ୍କ ମତ ଉପସ୍ଥାପନ କରିଥିଲେ।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଳନ ଛାତ୍ରଛାତ୍ରୀମାନଙ୍କର ଏହି ନିଷ୍ଠାପର ଉଦ୍ୟମ ଓ ସକ୍ରିୟ ସହଭାଗିତାକୁ ଉଚ୍ଚ ପ୍ରଶଂସା କରିଥିଲେ। ଭୋଟର ତାଲିକାକୁ ଅଧିକ ସ୍ୱଚ୍ଛ, ତ୍ରୁଟିମୁକ୍ତ ଓ ସୁଗମ କରିବାରେ ଯୁବବର୍ଗଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ପ୍ରକାଶ କରିବା ସହ ଛାତ୍ରଛାତ୍ରୀଙ୍କ ପ୍ରସ୍ତାବଗୁଡ଼ିକୁ ସୀକୃତି ଦେଇଥିଲେ।ଏହି ବୈଠକରେ ଉତ୍କଳ ବିଶ୍ୱବିଦ୍ୟାଳୟର ଇଣ୍ଟର୍ନ ଛାତ୍ରଛାତ୍ରୀଙ୍କ ସମେତ ଅତିରିକ୍ତ ସି ଇ ଓ ସୁଶାନ୍ତ କୁମାର ମିଶ୍ର,ବିତ୍ତ ପରାମର୍ଶଦାତା ସଞ୍ଜୟ କୁମାର ଲୁଗୁନ ଡ଼େପୁଟି ସି ଇ ଓ ଡ଼.ଲକ୍ଷ୍ମୀପ୍ରସାଦ ସାହୁ, ଡ଼େପୁଟି ସିଇଓ ଅନାମିକା ସିଂ, ଡ଼େପୁଟି ସେକ୍ରେଟାରୀ ଦିନମଣି ନାଏକ, ପ୍ରଶାସନିକ ଅଧିକାରୀ ଶାଶ୍ୱତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati